

# କାଶତଣ୍ଡୀ
## (ତିନି)

ନାରାୟଣ ଦାସ

# କାଶତଣ୍ଡୀ

# (ତିନି)

ନାରାୟଣ ଦାସ

ପ୍ରକାଶକ

ଆମରି ସତ୍ୟ

# କାଶତଣ୍ଡୀ - ତିନି

**ରଚନା :** ନାରାୟଣ ଦାସ
**ସର୍ବସ୍ୱତ୍ତ୍ୱ ଅଧିକାରୀ : ନାରାୟଣ ଦାସ**
**ପ୍ରଥମ ସଂସ୍କରଣ : ୨୦୨୦**
**ପ୍ରକାଶକ:** ଆମରିସତ୍ୟ, ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପି.ଏନ୍ କଲେଜ, ଜିଲ୍ଲା: ଖୋରଧା, ପିନ୍: ୭୫୨୦୫୭
**ମୁଦ୍ରଣ:** ପ୍ରତିଭା ପ୍ରିଣ୍ଟର୍ସ, ୟୁନିଟ୍-୯, ଭୁବନେଶ୍ୱର
**ମଲାଟ ପରିକଳ୍ପନା ଓ ଅଳଂକରଣ :** ରାଜୀବ ଲୋଚନ ରଥ / ବିରଞ୍ଚି ନାରାୟଣ ଚହଟରାୟ
**ଲେଖକଙ୍କ ଠିକଣା :** ନବିନାବାଗ ପୋ / ଜି : ଖୋରଧା-୭୫୨୦୫୫
**ଦୂରଭାଷ:** ୯୪୩୮୦୪୯୫୪୧

**Kashatandi-3**
Written by: *Naryan Das*
c *: Narayan Das*
*1st Edition : 2020*
**Published by:**
AMARISATYA
M-1/5, M. P. Housing Board Colony .
PO: P.N.College, Dt: Khordha-752057 .Odisha
amarisatya@gmail.com/amarisatya@rediffmail.com
06755-220980
--------------------
Printed at:
PRATIVA PRINTERS
Unit -9, Bhubaneswar

**ISBN 978-93-85900-47-1**
ମୂଲ୍ୟ: ୧୩୧.୦୦ ଟଂକା / **Price: ₹ 131.00**

# ଉତ୍ସର୍ଗ

ମୋର
ସ୍ୱର୍ଗବାସୀ ମାତା
ଓ
ପିତାଙ୍କ
ପବିତ୍ର ପଦାରବିନ୍ଦରେ
**'କାଶତଣ୍ଡୀ'** କୁ
ଅର୍ପଣ କଲି ।

**ନାରାୟଣ**

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| କାଶତଣ୍ଡୀ - ଛଅଷଠି | ୧୭ |
| କାଶତଣ୍ଡୀ - ସତଷଠି | ୨୦ |
| କାଶତଣ୍ଡୀ - ଅଠଷଠି | ୨୩ |
| କାଶତଣ୍ଡୀ - ଅଣସ୍ତରୀ | ୨୫ |
| କାଶତଣ୍ଡୀ - ସତୁରୀ | ୨୮ |
| କାଶତଣ୍ଡୀ - ଏକସ୍ତରୀ | ୩୨ |
| କାଶତଣ୍ଡୀ - ବାସ୍ତରୀ | ୩୬ |
| କାଶତଣ୍ଡୀ - ତେସ୍ତରୀ | ୩୮ |
| କାଶତଣ୍ଡୀ - ଚଉସ୍ତରୀ | ୪୦ |
| କାଶତଣ୍ଡୀ - ପଞ୍ଚସ୍ତରି | ୪୨ |
| କାଶତଣ୍ଡୀ - ଛଅସ୍ତରି | ୪୪ |
| କାଶତଣ୍ଡୀ - ସତସ୍ତରି | ୪୬ |
| କାଶତଣ୍ଡୀ - ଅଠସ୍ତରି | ୪୮ |
| କାଶତଣ୍ଡୀ - ଅଣାଶୀ | ୫୦ |
| କାଶତଣ୍ଡୀ - ଅଶୀ | ୫୨ |
| କାଶତଣ୍ଡୀ - ଏକାଶୀ | ୫୫ |
| କାଶତଣ୍ଡୀ - ବୟାଶୀ | ୫୭ |

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| କାଶତଣ୍ଡୀ - ତେୟାଶୀ | ୫୯ |
| କାଶତଣ୍ଡୀ - ଚଉରାଶୀ | ୬୧ |
| କାଶତଣ୍ଡୀ - ପଞ୍ଚାଶୀ | ୬୩ |
| କାଶତଣ୍ଡୀ - ଛୟାଶୀ | ୬୬ |
| କାଶତଣ୍ଡୀ - ସତାଶୀ | ୬୮ |
| କାଶତଣ୍ଡୀ - ଅଠାଶୀ | ୭୧ |
| କାଶତଣ୍ଡୀ - ଅଣାନବେ | ୭୪ |
| କାଶତଣ୍ଡୀ - ନବେ | ୭୮ |
| କାଶତଣ୍ଡୀ - ଏକାନବେ | ୮୦ |
| କାଶତଣ୍ଡୀ - ବୟାନବେ | ୮୨ |
| କାଶତଣ୍ଡୀ - ତେୟାନବେ | ୮୪ |
| କାଶତଣ୍ଡୀ - ଚଉରାନବେ | ୮୭ |
| କାଶତଣ୍ଡୀ - ପଞ୍ଚାନବେ | ୯୦ |
| କାଶତଣ୍ଡୀ - ଛୟାନବେ | ୯୩ |
| କାଶତଣ୍ଡୀ - ସତାନବେ | ୯୫ |
| କାଶତଣ୍ଡୀ - ଅଠାନବେ | ୯୭ |
| କାଶତଣ୍ଡୀ - ଅନେଶତ | ୧୦୦ |
| କାଶତଣ୍ଡୀ - ଏକଶହ | ୧୦୨ |

# ମୁଖବନ୍ଧ



ବର୍ଷକ ବାରମାସ ଓ ଛଅ ଋତୁରେ ପ୍ରକୃତି ଭରିଦେଇଥିବା ନାନା ଜାତି ଫୁଲ ଆମ ଦୃଷ୍ଟିଗୋଚରକୁ ଆସିଥାଏ। ବିଶ୍ୱର ଆବାଳ ବୃଦ୍ଧ ବନିତା ସମସ୍ତେ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ଆନନ୍ଦ ଅନୁଭବ କରିଥାଆନ୍ତି। କବି ଓ୍ୱର୍ଡ଼ସ ଓ୍ୱର୍ଥ ଡାଫୋଡ଼ିଲକୁ ଦେଖି ଯେପରି ତନ୍ମୟ ହୋଇଯାଇଥିଲେ ସେପରି ଫୁଲର ସୌନ୍ଦର୍ଯ୍ୟରେ କିଏବା ତନ୍ମୟ ନହୋଇଉଠିବ ! ବହୁ କବିଙ୍କର ଫୁଲପ୍ରତି ଘନିଷ୍ଠ ସମ୍ପର୍କ ଓ ଭଲପାଇବା ଆବହମାନ କାଳରୁ ରହିଆସିଅଛି।

ଶରତର ମେଘମୁକ୍ତ ଆକାଶ, ଧୋବ ଫରଫର ମେଞ୍ଚା ମେଞ୍ଚା ତୁଳାପରି ଭାସି ଯାଉଥିବା ଧଳା ବାଦଲ, ନଦୀର ନିର୍ଜନ ପଠା, ଡଙ୍ଗର, ପାହାଡ଼ ପର୍ବତର ପାଦଦେଶ ତଥା ନିର୍ଝର ଦୁଇ ପାର୍ଶ୍ୱର ଦିଗନ୍ତ ବ୍ୟାପୀ କେରି କେରି କାଶତଣ୍ଡୀ ଫୁଲର ନୈସର୍ଗିକ ତଥା ମନ ମୁଗ୍ଧକର ସୌନ୍ଦର୍ଯ୍ୟ ମନକୁ ଖୁବ୍ ଆକର୍ଷଣ କରେ ଓ ଶତଗୁଣରେ ଚହଲାଇ ଦିଏ ତାର ସୁକୋମଳ ଅଙ୍ଗ ଓ କମନୀୟ ରୂପ। ସୂର୍ଯ୍ୟୋଦୟ ଓ ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣ ସ୍ପର୍ଶରେ ତାର ରୂପ ଲାବଣ୍ୟର ଶୋଭାକୁ ଦେଖି ମନରେ ଆସେ ଅହେତୁକ ଭାବୋଦୟର ଅସୀମ ଭାବନା, କ୍ଷଣିକ ପାଇଁ ହୋଇଯାଏ ଆତ୍ମହରା ଓ ଭୁଲିଯାଏ ସବୁକିଛି। ଭାବବିହ୍ୱଳ ଚଳଚଞ୍ଚଳ ମନ ଲେଖନୀ ଚାଳନା କରିବାପାଇଁ ଆଗ୍ରହାନ୍ୱିତ କରୁଥାଏ। ଧରିତ୍ରୀ ମାତାର ସୁରମ୍ୟ ପ୍ରାକୃତିକ ପରିବେଶରେ ନିଜକୁ ହଜାଇ ଦେଇ ଯେଉଁ ଆନନ୍ଦ ଅନୁଭବ କରେ ତାହା ମାନସପଟରେ ଆଙ୍କିଦିଏ ଅବର୍ଣ୍ଣନୀୟ ରମଣୀୟ ଚିତ୍ର। ପ୍ରକୃତି ପରିବେଶ ସହିତ ମୃଦୁମନ୍ଦ ସମୀରଣରେ ଝୁଲୁଥିବା କାଶତଣ୍ଡୀ ଫୁଲର ସ୍ୱର୍ଗୀୟ ଶୋଭା ଚିକ୍ ଚିକ୍ କରୁଥିବା କମନୀୟ ରୂପ ମନକୁ ବିଭୋଳିତ ନକରିବ ବା କିପରି ?

ଭାରତ ଗୋଟିଏ ନଦୀ ମାତୃକ ଦେଶ। ଏହି ଦେଶରେ ବହୁ ନଦନଦୀ ପ୍ରବାହିତ ହେଉଛନ୍ତି। ପ୍ରକୃତି ଭରି ଦେଇଥିବା ନଦୀ, ନାଳ, ପାଟ, ବିଲ, ବଣବୁଦା, ଜଙ୍ଗଲ,

ଅରଣ୍ୟମାନଙ୍କରେ ଶରତ ଋତୁ ପ୍ରାରମ୍ଭରୁ ପ୍ରର୍ଯ୍ୟାପ୍ତ କାଶତଣ୍ଡୀ ଫୁଲ ମହୋତ୍ସବ ଲୋକଲୋଚନକୁ ଆସିଥାଏ । ଆଦିବାସୀ ପଡ଼ା ଧାଙ୍ଗଡ଼ା ଧାଙ୍ଗଡ଼ୀମାନଙ୍କରେ ଅତୁଳନୀୟ ଶୋଭାବର୍ଦ୍ଧନ କରିଥିବା କାଶତଣ୍ଡୀ ଫୁଲ ସେମାନଙ୍କ ହୃଦୟକୁ ଆନ୍ଦୋଳିତ କରିଥାଏ । ସେଇଥିପାଇଁ ଝରଣା ପାଖରେ ବସି ସନ୍ଧ୍ୟା ସମୟରେ ପ୍ରାକୃତିକ ବିଭବକୁ ଅତି ଉତ୍କଣ୍ଠାର ସହିତ ଉପଭୋଗ କରିବାକୁ ଭୁଲନ୍ତିନାହିଁ । ପଡ଼ା ନିକଟ ତଥା ଝରଣାପାର୍ଶ୍ୱରେ ଫୁଟିଥିବା ଫୁଲକୁ ସଂଗ୍ରହ କରି ଭିନ୍ନ ଭିନ୍ନ ରୂପରେ ସଜେଇହୋଇ ନୃତ୍ୟ କରୁଥିବାର ଦୃଶ୍ୟ ଦେଖିବାକୁ ଖୁବ୍ ମନୋରମ । ତେଣୁ ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ସେମାନେ ଏହି ଫୁଲଟିକୁ ହୃଦୟରେ କେତେ ଭଲପାଆନ୍ତି । ବଣ ଜଙ୍ଗଲରେ ବୁଲି ବୁଲି ପ୍ରକୃତି ଦତ୍ତ ପଦାର୍ଥକୁ ସେମାନେ ବିଶେଷ ଉପଭୋଗ କରୁଥିବାର ଦେଖାଯାଏ । ଏତ ଗଲା କାଶତଣ୍ଡୀ ଫୁଲର ମହୋତ୍ସବ । ବର୍ତ୍ତମାନ କବିତା ପ୍ରସଙ୍ଗକୁ ଆସୁଛି । ଏଥିରେ ସ୍ଥାନିତ ଅନେକ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଅଛି । ପାଠକ ପାଠିକା ପୂର୍ବରୁ ତା'ସହିତ ପରିଚିତ ହୋଇଥିବେ । ପରିଶେଷରେ ପତ୍ର ପତ୍ରିକାର ସଂପାଦକ ଓ ଅଗଣିତ ପାଠକ ପାଠିକାଙ୍କୁ ମୋର ସାଧୁବାଦ ଓ କୃତଜ୍ଞତା ଜଣାଉଛି ।

**ନାରାୟଣ ଦାସ**

**ଲେଖକ**



# କାଶତଣ୍ଡୀର କବି

ଡଃ.ଶକୁନ୍ତଳା ବଳିଆରସିଂହ

କାଶତଣ୍ଡୀ ଦେଖି କେଉଁ ଦର୍ଶକ ବିମୁଗ୍ଧ ନହୁଏ ? ଆବାଳ ବୃଦ୍ଧ ବନିତା, ସର୍ବେ ପୁଲକିତ ହୋଇଉଠନ୍ତି କାଶତଣ୍ଡୀ ଦର୍ଶନରେ। ପ୍ରକୃତି ସହ ମାନବର ସଂପୃକ୍ତି ଆବହମାନ କାଳରୁ। ମାନବର ଶରୀର ପଞ୍ଚଭୂତରେ ଗଢ଼ା, ସେଥିପାଇଁ ଏହି ଆକର୍ଷଣ ଚିରନ୍ତନ।

କବି ନାରାୟଣଙ୍କର ଏହି କବିତାଗ୍ରନ୍ଥଟି କାଶତଣ୍ଡୀ – ୩। ପ୍ରଥମ କାଶତଣ୍ଡୀ ଓ ଦ୍ୱିତୀୟ କାଶତଣ୍ଡୀ ପୂର୍ବରୁ ପ୍ରକାଶିତ ହୋଇସାରିଛି। ମୋର ମନେହୁଏ କବିଙ୍କର ଏହି କାଶତଣ୍ଡୀ ପ୍ରୀତି ଜନ୍ମଜନ୍ମର। ଯାହାକବି ନିଜେ ମୁଖବନ୍ଧରେ ଲେଖିଛନ୍ତି : ଅବିଭକ୍ତ କୋରାପୁଟ ଜିଲ୍ଲାରେ ବୃତ୍ତି ନିର୍ଦ୍ଦେଶରେ ରହିଥିବାବେଳେ ଏହାର ପ୍ରକୃତି ପରିବେଷ୍ଟିତ ବଣ ପାହାଡ଼, ପର୍ବତ, ଝୋଲା, ଡଙ୍ଗର, ନଦୀନାଳ, ଜଳପ୍ରପାତ ଉଚ୍ଚତମ ଗିରିଶୃଙ୍ଗ ଦର୍ଶନକରି ଖୁସି ହେଉଥିଲେ। ଜାତି ଜାତି ପଶୁପକ୍ଷୀ, ସରୀସୃପ ତାଙ୍କୁ ବିମୁଗ୍ଧ କରିଛନ୍ତି। ଦିବସଯାକର ପରିଶ୍ରମାନ୍ତେ ଅସ୍ତସୂର୍ଯ୍ୟର ଈଷତ୍ ଲାଲ କିରଣ ତଳେ ନଦୀ, ନାଳର ଉଭୟପାର୍ଶ୍ୱରେ ଦିଗନ୍ତବ୍ୟାପୀ କାଶତଣ୍ଡୀର ଲାବଣ୍ୟମୟୀ ରୂପ ଶୋଭାକୁ କବି ପାଶୋରି ପାରିନାହାନ୍ତି। କବି ସ୍ୱୀକାର କରିଛନ୍ତି, "ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣ ସ୍ପର୍ଶରେ କାଶଫୁଲ ମୃଦୁମନ୍ଦ ସମୀରଣରେ ଝୁଲୁଥିବା ରୂପ ମାନସପଟରେ ଆଙ୍କି ଦେଉଛି ଅନେକ କଳ୍ପନାର ଚିତ୍ର। "

କବି କାଶଫୁଲର ରୂପରେ ଦେଖିଛନ୍ତି ସମଗ୍ର ଜଗତକୁ। ହୋଇଯାଇଛନ୍ତି ଭାବୁକ, ଦାର୍ଶନିକ। ନାରାୟଣ ପ୍ରଥମେ ଶିକ୍ଷକତାରୁ ଚାକିରୀ ଜୀବନ ଆରମ୍ଭ କରିଥିଲେ। ହେଲେ ବୃତ୍ତି ବଦଳିଗଲା, ବୋଧହୁଏ ପ୍ରବୃତ୍ତିର (କବିତା ରଚନା) ବିକାଶ ହେବ ବୋଲି। ନହେଲେ ଖୋରଧାଗଡ଼ରୁ ଯାଇ କୋରାପୁଟ ଝରଣାର ଗୁରୁଗମ୍ଭୀର ଜଳପତନ ଶବଦ ତାଳେ ତାଳେ ନୃତ୍ୟରଣ କାଶତୃଣ ତାଙ୍କ ମନରେ ଆଣିଛି ଉଦ୍‌ବେଳନ। ଏକଥା ସେ ମୁଖବନ୍ଧରେ ସ୍ୱୀକାର କରିଛନ୍ତି।

ତାଙ୍କ ସ୍ୱୀକାରୋକ୍ତିରେ ରହିଛି କବି ପ୍ରାଣ ହୃଦୟର ନରମ ଆବେଗ, କୋମଳ ସ୍ପର୍ଶକାତରତା, ସୁନ୍ଦରୀର ରୂପରେ ମୁଗ୍ଧହୋଇ ଅନେକ କବିତା ଲେଖିବାର ବିମୋହନ। ସେ ନିଜେ ସଂଗୀତ ଗାନକରନ୍ତି, ତେଣୁ ବୋଧହୁଏ ଏତେ ସହଜରେ ଲେଖିପାରିଛନ୍ତି ଛନ୍ଦୋବଦ୍ଧ ଶତାଧିକ କବିତା କାଶତଣ୍ଡୀକୁ ମଧ୍ୟମଣି କରି।

କବି ଶିକ୍ଷକତା ତ୍ୟାଗ କରିଛନ୍ତି ବହୁପୂର୍ବରୁ, ଏକଥା ସତ୍ୟ। ହେଲେ ତାଙ୍କ ଭିତରର ଶିକ୍ଷକଟି ଏବେବି ରହିଛି ଜୀବନ୍ତ, ଏବେବି ରହିଛି ଜିଜ୍ଞାସୁ, ରସପୀପାସୁ ଆଉ ଚାରିପାଖରେ ଆତଯାତ ମଣିଷମାନଙ୍କୁ ଦେଖାଇବାକୁ ପ୍ରକୃତିର ସୌନ୍ଦର୍ଯ୍ୟ। ଫୁଲର ବର୍ଣ୍ଣନା ସହିତ ଆସିଛି ମଧୁ ମକ୍ଷିକାର ଆବେଦନ ସ୍ୱାଭାବିକ ଭାବରେ। ଜୀବନ ଦର୍ଶନର ଅଭାବ ଏଥିରେ କୁତ୍ରାପି ନାହିଁ।

ସ୍ରଷ୍ଟାଙ୍କର ଆଶୀର୍ବାଦ କବି ସର୍ବଦା କାମନା କରେ। କବିତାରେ ସଦାବେଳେ ତା'ମନପ୍ରାଣ ବିଭୋର ହୋଇ ରହୁବୋଲି ଇଚ୍ଛା କରେ।

ସ୍ରଷ୍ଟାଙ୍କର ସୃଷ୍ଟି ଏ ତ
ଅନନ୍ତ ବ୍ରହ୍ମାଣ୍ଡ
ଅହରହ ଗବେଷଣା
ନ ହେଉଟି ପଣ୍ଡ। ॥୨॥
ମାନବର ଦିବ୍ୟଶକ୍ତି
ଜଗତେ ବିଦିତ
ପ୍ରଭୁ ଆଶୀର୍ବାଦ ବଳେ
ସଂସାରେ ପୂଜିତ। ॥୩॥
(କାଶତଣ୍ଡୀ - ବୟାଶୀ)

କବିଙ୍କ ଜୀବନଚିନ୍ତା ଅତ୍ୟନ୍ତ ମାର୍ମିକ ଏବଂ ସ୍ୱାଭାବିକ। ଏଇ ଦୁଇଧାଡ଼ି ଦେଖନ୍ତୁ :

ଯେତେ ନଦନଦୀ ପଠା
ଓଡ଼ିଶା ଭୂଖଣ୍ଡେ
ଦୃଷ୍ଟି ପଥୁ ଫେଡ଼ିନାହିଁ
ଦିନେ ହେଲେ ଦଣ୍ଡେ।
ଯେତେଦିନ ଜୀବଥିବ ତା'ର ଏ ପିଣ୍ଡରେ
ଭୁଲି ନପାରିବ ତାକୁ ଥିବା ଏ ମହୀରେ। (୫)

**(କାଶତଣ୍ଡୀ - ଏକାଶୀ)**

ପ୍ରକୃତିପ୍ରେମୀ କବିର ଏ ନିରୋଳା ଦେଶପ୍ରେମ ବାସ୍ତବିକ ମର୍ମସ୍ପର୍ଶୀ। ପିଣ୍ଡରେ ପ୍ରାଣଥିବା ଯାଏ ନିଜ ଓଡ଼ିଶା ଭୂଖଣ୍ଡର ପ୍ରତିଟି ରୂପଛବିକୁ ନିଜର କରି ରଖିଥିବ।

ସେହିପରି "କାଶତଣ୍ଡୀ ତେୟାଶୀର" ନିମ୍ନପଦଟି ଅତ୍ୟନ୍ତ ହୃଦୟସ୍ପର୍ଶୀ ।

ମଧୁମକ୍ଷିକାର ଗୁଣୁଗୁଣୁ ଗୀତ
ଦିଗ ହୁଏ ମୁଖରିତ
ସୁମଧୁର ସ୍ୱର ବନ ଉପବନେ
ଶୁଭୁଥାଏ ଅବିରତ।
ମଧୁମକ୍ଷିକାଟି ନଯାଏ ତା'ପାଶ
ମନ ହୋଇଯାଏ ଉଣା
ପ୍ରକୃତିର ଏକି ନିଷ୍ଠୁର ବିରହ
ଅଭାବର ବୁଝାବଣା । (୪)

ପ୍ରକୃତି, ପ୍ରେମ, ବିରହ ସହିତ ପୁଷ୍ପମଧୁର ଧର୍ମ ଓ ମଧୁମକ୍ଷିକାର ଧର୍ମକୁ ବିବିଧ ଉପମା ଦେଇ କବି ଉପସ୍ଥାପିତ କରିଛନ୍ତି ଅତି ମନୋରମ ଶୈଳୀରେ ।

କାଶତଣ୍ଡୀର କବିତା ଗୁଡ଼ିକରେ ଅଛି ଛନ୍ଦ, ରୂପ, ଲୟ, ଧ୍ୱନି, ଅଛି ମଧ ଲକ୍ଷଣାବ୍ୟଞ୍ଜନା। ଜୀବନସହ ପ୍ରକୃତିକୁ ସଂଯୁକ୍ତ କରିବାର ସରଳ ପ୍ରଚେଷ୍ଟା ଏଥିରେ ଲକ୍ଷଣୀୟ।

ମନେହୁଏ ଯେପରି ନାରାୟଣଙ୍କର ଜନ୍ମ କବି ହେବାପାଇଁ। ଏହାବ୍ୟତୀତ ସେ ଆଉକିଛି ହୋଇପାରିନଥାନ୍ତେ।

ଖୁରୁଧାଗଡ଼ରେ କବିଙ୍କର ଜନ୍ମ ହେତୁ ସେ ମୋର ଭାଇ। ସେଥିପାଇଁ କି କ'ଣ କହିପାରିବିନାହିଁ, ତେବେ କବିତାଗୁଡ଼ିକୁ ଖୁବ୍ ମନଦେଇ ପଢ଼ିଛି ମୁଁ। ମତେ ଭଲ ଲାଗିଛି।

କାଶତଣ୍ଡୀ – ୩ ପାଠକୀୟ ସ୍ୱୀକୃତି ତ ନିଶ୍ଚୟ ଲାଭ କରିବ। କାରଣ ସରଳ, ସାବଲୀଳ ପଦ ସଂଯୋଜନା କବିତାଗୁଡ଼ିକୁ ମୁଖପାଠ୍ୟ କରିଛି। ସ୍କୁଲ କଲେଜର ପାଠାଗାରମାନଙ୍କରେ ସ୍ଥାନିତ ହେବାର ଉପଯୁକ୍ତ ଏହି ପୁସ୍ତକଟିର ଉଜ୍ଜ୍ୱଳ ଭବିଷ୍ୟତ ମୁଁ କାମନା କରୁଛି।

କବିମାନେ ଦେଶ ଓ ଜାତିର ଗୌରବ। କବି ନଥିଲେ ଭୂମିଖଣ୍ଡର ରୂପ, ଗୁଣଗାନ କିଏ କରନ୍ତା ? କବିଙ୍କୁ ପ୍ରଣାମ।

**କାଶତଣ୍ଡୀ ମୁଗ୍ଧ**

ଶକୁନ୍ତଳା ବଳିଆରସିଂହ

**ଡଃ. ଶକୁନ୍ତଳା ବଳିଆରସିଂହ**

# କାଶତଣ୍ଡୀ ସପକ୍ଷରେ ଦୁଇପଦ



**ସୁହାସିନୀ ମହାପାତ୍ର**

"ରହ ରହ କ୍ଷଣେ ବାଷ୍ପୀୟ ଶକଟ
ଦେଖିବି ଚିଲିକା ଚାରୁ ଚିତ୍ରପଟ।"
(ଗୋପବନ୍ଧୁ ଦାସ)

ରାୟବାହାଦୂର ରାଧାନାଥ ରାୟଙ୍କ "ଚିଲିକା" ଖଣ୍ଡବାକ୍ୟ ପଢ଼ି କଳ୍ପନାରେ ଚିଲିକାର ରୂପ ମାଧୁରୀକୁ ମନେପକାଇ ଉତ୍କଳମଣି ଗୋପବନ୍ଧୁ ଯେମିତି କାରାଗାରକୁ ଯିବାରାସ୍ତାରେ ରେଳଗାଡ଼ି ଭିତରୁ ଉପରୋକ୍ତ ଭାବଟିକୁ ବ୍ୟକ୍ତ କଲେ, ଚିଲିକାର ପ୍ରକୃତି କୋଳରେ କିଛିସମୟ କଟାଇବାକୁ ବ୍ୟାକୁଳ ହୋଇଉଠିଥିଲେ, ଠିକ୍ ସେମିତି ଖୋର୍ଦ୍ଧା ଜିଲ୍ଲାର ନବୀନବାଗ ଗ୍ରାମରୁ କବି ନାରାୟଣ ଦାସ କାଶତଣ୍ଡୀର ରୂପଲାବଣ୍ୟରେ ଉଦ୍‌ବେଳିତ ହୋଇ କେତେବେଳେ ନିଜ ଅଜାଣତରେ ତା'ର ପ୍ରେମ ଫାଶରେ ପଡ଼ିଯାଇଛନ୍ତି ଜାଣିପାରିନାହାନ୍ତି। ଗୋପବନ୍ଧୁଙ୍କ ପରି ସେ ମଧ୍ୟ ଯୌବନରେ ପତ୍ନୀହରା ହୋଇପଡ଼ିଥିଲେ। ତେଣୁ କାଶତଣ୍ଡୀ ପ୍ରତି ଅସୀମ ପ୍ରୀତି ବା ଭଲପାଇବା ତାଙ୍କ ପକ୍ଷରେ ଆଦୌ ଅସମିଚୀନ ନୁହେଁ। ତା'ଛଡ଼ା କବିବର ରାଧାନାଥ ରାୟଙ୍କ ଭାଷାରେ -

"ସୁନ୍ଦରେ ତୃପ୍ତିର ଅବସାଦ ନାହିଁ
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ।"

ଚାକିରୀ ଜୀବନର ବହୁଳ କର୍ମମୟ ସମୟ କବି କୋରାପୁଟ ଜିଲ୍ଲାର ସୁରମ୍ୟ ପ୍ରକୃତି କୋଳରେ ବିତାଇଛନ୍ତି। ଏହି ସ୍ଥାନରେ, ନଦନଦୀ, ଝରଣା, ନଈପଠା, ନଈକୂଳ, ପ୍ରାନ୍ତର ସବୁଠି ତାଙ୍କର କାଶତଣ୍ଡୀ ସହ ବହୁବାର ଦେଖା, ସାକ୍ଷାତ୍ ଓ ଆଳାପ ମଧ୍ୟ ଘଟିଛି। ଘନବନାନୀ, ନଦୀ ଝରଣାର କାଚକେନ୍ଦୁ ପାଣି ଏବଂ ଶୁଭ୍ରଧବଳ ତନୁ କାଶତଣ୍ଡୀ ତାଙ୍କୁ ମୁଗ୍ଧ କରିଛି, ବିମୋହିତ କରିଛି, ଆମୋଦିତ କରିଛି ଏବଂ ବିହ୍ୱଳ ମଧ୍ୟ କରିଛି। ଶରତଋତୁର ମୃଦୁ୍ୟ ହିଲ୍ଲୋଳରେ କାଶତଣ୍ଡୀର ହଲି, ଦୋହଲି ଅପୂର୍ବ ନୃତ୍ୟସମ୍ଭାର କବିଙ୍କ ମନରେ କାଶତଣ୍ଡୀ ପ୍ରତି ମୁଗ୍ଧତା ସହ ଅତୀବ ସୌନ୍ଦର୍ଯ୍ୟ ପ୍ରେମ ଯାଗରଣ କରିଛି। କବି ପ୍ରାଣ ଆନନ୍ଦରେ ବିଭୋର ହୋଇ ଲେଖି ଚାଲିଛି ସେହି ତିନୋଟି ଖଣ୍ଡବାକ୍ୟ କାଶତଣ୍ଡୀର ରୂପ ଲାବଣ୍ୟକୁ ସମ୍ମାନ ଦେଇ।

କବିଙ୍କ ଭାଷାରେ –

"ସୁଲୁସୁଲିଆର
ବାଆରେ ନାଚୁଛି
କାଶତଣ୍ଡୀ ଉଲ୍ଲାସରେ
ତା'ର ନାଚ ଦେଖି
ନାଚନ୍ତି କିଶୋରୀ
ଅତି ଭାବବିହ୍ୱଳରେ ।"

(କାଶତଣ୍ଡୀ – ୫)

ଆଉ ମୋ ଭାଷାରେ –

"ଶରତକାଳେ ଜଳଦମାଳ
ନୀଳଗଗନେ ଭାସେ
କାଶତଣ୍ଡୀର ମୃଦ୍ୟୁ ହିଲ୍ଲୋଳ
କବି ପ୍ରାଣକୁ ରସେ ।"

ସତରେ କବି ଆପଣ ପ୍ରଣମ୍ୟ। ପ୍ରଣାମ ଆପଣଙ୍କର କାଶତଣ୍ଡୀ ପ୍ରେମ।

କେବଳ କାଶତଣ୍ଡୀର ମନଲୋଭା ରୂପକୁ ନେଇ କବି ବିଭୋର ହୋଇନାହାନ୍ତି। କାଶତଣ୍ଡୀର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଚରିତ୍ରକୁ ତର୍ଜମା କରି ଲେଖିଛନ୍ତି ମାନବଜୀବନର ଦର୍ଶନ ଏବଂ ତାକୁ ସକରାତ୍ମକ ରୂପ ଦେଇ ତୁଳନାତ୍ମକ ଉଚ୍ଛ୍ୱାସ ଦେବାରେ କାର୍ପଣ୍ୟ କରିନାହାନ୍ତି। କାଶତଣ୍ଡୀ – ୧୦୦ କବିତାରେ ସେ ଉଦ୍ଦାମତାର ତାଳରେ ଦୂରପାହାଡ଼ର ସୌନ୍ଦର୍ଯ୍ୟ ଓ କାଶତଣ୍ଡୀର ଶୁଭ୍ରତାକୁ ତୁଳନାକରି କାଶତଣ୍ଡୀକୁ ଶୁଭ୍ରପରୀରେ ସଜାଇଛନ୍ତି। ଶ୍ୱେତପରୀର ମଦାଳସା ନୃତ୍ୟରେ ଗ୍ରାମ୍ୟ ଲଳନାମାନଙ୍କର ଉଲ୍ଲାସଭରା ଯୋଗଦାନ ସମଗ୍ର ପରିବେଶକୁ ଆବେଗମୟ ତଥା ପବିତ୍ରମୟ କରିତୋଳିଛି। ଏଠାରେ କାଶତଣ୍ଡୀକୁ କବି ଭାରତବର୍ଷର ଶ୍ରେଷ୍ଠ ସଂସ୍କାର, ଶାନ୍ତି, ପ୍ରୀତି ପ୍ରଦାୟିନୀ ଭାବେ ଚିତ୍ରଣ କରିଛନ୍ତି।

କାଶତଣ୍ଡୀ ସଦା
ବାଣ୍ଟେ ଶାନ୍ତି ପ୍ରୀତି
ଏ ବିଶ୍ୱ ମାନବ ପାଇଁ
ତୁମରି କର୍ତ୍ତବ୍ୟ

ତୁମେ ଭାବ ବସି
କୃପା କିମ୍ବା ହେଉନାହିଁ ।

**(କାଶତଣ୍ଡୀ - ୧୦୦)**

ଅସରାଏ ବର୍ଷା ବା ଝଡ଼ ବାତ୍ୟାରେ କାଶତଣ୍ଡୀ ଯେତେବେଳେ ମଉଳିଯାଇଛି ବା କ୍ଷତବିକ୍ଷତ ହୋଇ ମାଟିରେ ଲୋଟିପଡ଼ିଛି ସେତେବେଳେ କବିଙ୍କ ମନରେ ଅସହ୍ୟ ଯନ୍ତ୍ରଣାର ତାତି ବଢ଼ିଯାଇଛି ।

ସେ କାଶତଣ୍ଡୀର ରୂପ, ଯୌବନ ଓ ସୌନ୍ଦର୍ଯ୍ୟକୁ ନେଇ ଭାଷାଜ୍ଞାନରେ ବାଖ୍ୟା କରିବାର ଅସମର୍ଥତା ପ୍ରକାଶ କରିଛନ୍ତି । ତାର କୋମଳ ତନୁତଳେ ଥିବା ଅନ୍ତର ବେଦନା କବିଙ୍କୁ ଅନେକ ଯାତନା ଦେଇଥିଲେ ମଧ୍ୟ ସେ ସେଇ କାଶତଣ୍ଡୀ ମାଧ୍ୟମରେ ସାରା ବିଶ୍ୱପାଇଁ ଦିହୁଡ଼ି ଜାଳିଛନ୍ତି । ବିଶ୍ୱକୁ କାଶତଣ୍ଡୀର ଶୁଭ୍ରତାରେ ଦିବ୍ୟଚିନ୍ତାପାଇଁ ଆହ୍ୱାନ ଦେଇଛନ୍ତି । ଗାଁ ଗାଁ ଭିତରେ ଅତୁଟ ବନ୍ଧନକୁ ବାନ୍ଧିରଖିବାର ଆମନ୍ତ୍ରଣ କରିଛନ୍ତି । ସୋଦର, ସ୍ୱଜନ ଓ ବନ୍ଧୁମାନଙ୍କ ସମ୍ମୁଖରେ କାଶତଣ୍ଡୀର ଗୁଣ, ଗାରିମା ଓ ସୌନ୍ଦର୍ଯ୍ୟକୁ ବଖାଣି ସମସ୍ତଙ୍କୁ କାଶତଣ୍ଡୀର ନିକଟତର କରାଇଛନ୍ତି । କାଶତଣ୍ଡୀର କୋମଳ ସ୍ୱର୍ଶରେ ସେମାନଙ୍କୁ ମତୁଆଲା କରିଦେଇଛନ୍ତି । ପୂର୍ଣ୍ଣିମା ରାତିରେ କାଶତଣ୍ଡୀର ଶୁଭ୍ରଶଙ୍ଖମଲମଲ କୋମଳ ଶରୀର ତାଙ୍କୁ ମାୟାମହଲରେ ଝୁଲାଇ ରଖିଛି ।

ସ୍ମୃତି ବିଜଡ଼ିତ କୋରାପୁଟ ଜିଲ୍ଲାର ଘନବନାନୀର ପ୍ରାନ୍ତର ପ୍ରାଙ୍ଗଣରେ କାଶତଣ୍ଡୀ ଏବଂ ଅନିଳର ମନଖୋଲା ଖେଳାଧୂଳା ସତରେ କେତେ ମଧୁମୟ ଆଉ ସକାଳସୂର୍ଯ୍ୟ ପରି ଅମଳିନ । ମଧ୍ୟାହ୍ନର ଶୁଭ୍ରତାରେ ଝଲସୁଥିବା କାଶତଣ୍ଡୀ ସୁଲୁସୁଲିଆ ପବନରେ ହସିଖେଳି ନାଚୁଥିବା କାଶତଣ୍ଡୀର ଦର୍ଶନରେ କେବଳ କବି ନୁହେଁ ସମସ୍ତ ଦର୍ଶକକୁ ବାନ୍ଧି ରଖିବାର ଅଭିପ୍ରାୟ ସତରେ ପ୍ରଶଂସନୀୟ । କିନ୍ତୁ ବାଦଲଫଟା ବର୍ଷାରେ ଥରେ ଭିଜିଗଲେ ମାଟି'ମା ବୁକୁରୁ ମଥାଉଠାଇ ଅନ୍ୟ କାହାକୁ ଚହିଁବାରେ କାଶତଣ୍ଡୀ ଅସୀମ ଲଜ୍ୟା ଅନୁଭବ କରେ ।

କବି ଲେଖିଛନ୍ତି -

"ବାଦଲଫଟା ବର୍ଷା
ହୋଇଲାଟି କାଳ
ରୂପକାନ୍ତି ଲୁଚିଗଲା

ସ୍ମୃତି ଟଳମଳ।
ଆହତ ତନୁଟି ତାର
ହୋଇଲା ବିଲୀନ
ରୂପଟି ନୟନ ପାଇଁ
ହୋଇଲା ସପନ।"

**(କାଶତଣ୍ଡୀ - ୯୨)**

ବୟସର ଅପରାହ୍ନରେ କବି ସୁଦୂର କୋରାପୁଟର "କାଶତଣ୍ଡୀ" ସ୍ମୃତିଗୁଚ୍ଛକୁ ସାଇତିରଖି ଗୋଟିଏ ପରେ ଗୋଟିଏ ତିନୋଟି ଖଣ୍ଡବାକ୍ୟ ରଚନା କରି କାଶତଣ୍ଡୀ ପ୍ରତି ତାଙ୍କର ପ୍ରୀତିପାବନରେ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି ଏବଂ କ୍ଷୋଭରେ ଭାଙ୍ଗିପଡ଼ି ଲେଖିଛନ୍ତି-

କାଶତଣ୍ଡୀ ଏବେ
ଦୂରେଇ ଗଲାଣି
ରହିଅଛି କାହିଁ ଦୂରେ
ଅଫେରା ବାଟକୁ
ଚାହିଁ ଅଛି ବସି
ଦେଖା ହେବ ନିରୋଳାରେ।

**(କାଶତଣ୍ଡୀ - ୬୬)**

ଶେଷରେ କବି ଶ୍ରୀ ନାରାୟଣ ଦାସ ଜଣେ ପ୍ରକୃତି କବିଭାବେ "କାଶତଣ୍ଡୀ"କୁ ଯେଭଳି ଭାବେ ଆପଣାର କରିଛନ୍ତି, ଭଲପାଇବା ଦେଇଛନ୍ତି ଠିକ୍ ସେହିପରି ତାଙ୍କ ବଳୟରେ ବ୍ୟକ୍ତି ଚରିତ୍ରଙ୍କୁ ମଧ୍ୟ ବାନ୍ଧିରଖନ୍ତୁ। ବିଶ୍ୱବିହାରୀ ତାଙ୍କ କଲମମୂଳକୁ କଳକଳ ଏବଂ ଛଳଛଳ ଫୁଆରାରେ ବହୁଦୂର ଆଗେଇ ନିଅନ୍ତୁ। ପ୍ରଭୁ ଜଗନ୍ନାଥ ତାଙ୍କର ଜୀବନ ସାରଣୀକୁ ନିରୋଗ ଓ ମଧୁମୟ ରଖନ୍ତୁ।

**ଜୟ ଜଗନ୍ନାଥ**

ସୁହାସିନୀ ମହାପାତ୍ର
**ସୁହାସିନୀ ମହାପାତ୍ର**
**(ଅବସରପ୍ରାପ୍ତ ଅଧ୍ୟକ୍ଷା)**
**ରାଇରଙ୍ଗପୁର ମହାବିଦ୍ୟାଳୟ, ମୟୁରଭଞ୍ଜ**



# ଏମିତି ଫୁଟୁଥାଉ କାଶତଣ୍ଡୀ

ଡକ୍ଟର ଦିଲୀପ କୁମାର ସ୍ୱାଇଁ

ଭାଦ୍ରବ ମାସର ଆକାଶରେ ଧଳା ମେଘର ଭେଳା ଯେତିକି ରୋମାଞ୍ଚ ସୃଷ୍ଟିକରେ, ତା'ଠାରୁ ବେଶୀ ରୋମାଞ୍ଚ ସୃଷ୍ଟିକରେ କାଶତଣ୍ଡୀ। ନରମମାଟି ଉପରେ ନହକୁଥିବା କାଶତଣ୍ଡୀ ଦେଖିଲେ ମଣିଷ ଭିତରେ ଅପୂର୍ବ ଶିହରଣ ସୃଷ୍ଟି ହୁଏ। ମାଟିର ବାତ୍ସଲ୍ୟ ଆବେଗ ଓ ଆକାଶର ବିସ୍ତୃତ ଅନୁଭବକୁ ଆଲିଙ୍ଗନ କରି କାଶତଣ୍ଡୀ ଅଧିକ ଶୁଭ୍ରଦିଶେ। କଳାରାତିର ଛାତିଚିରି ଝରି ଆସୁଥିବା ରୂପେଲି ଜହ୍ନକୁ କାଶତଣ୍ଡୀ ସ୍ୱାଗତ କରେ। ଏହି ଅପୂର୍ବ ଆଲିଙ୍ଗନକୁ ଉପଲବ୍ଧି କରୁ କରୁ ସାଧାରଣ ମଣିଷଟି କବି ହୋଇଯାଏ। ନିଜ କାୟାକଳ୍ପର ରାଜ୍ୟରୁ ମୁକୁଳି ସେ ପ୍ରସରିଯାଏ ଚେତନା ରାଜ୍ୟକୁ। କାଶତଣ୍ଡୀର ମୁଗ୍ଧମହକ କବିଚିତ୍ତରେ ଧବଳ ନିଆଁର ନିର୍ବାଣ ସୃଷ୍ଟିକରେ। ଜୀବନର ତୁଚ୍ଛତା ଭିତରୁ ବ୍ୟକ୍ତି ଚେତନାର ରୂପାନ୍ତର ଆସେ। କବି ନାରାୟଣ ଦାସଙ୍କ "କାଶତଣ୍ଡୀ" ଏହିପରି ବ୍ୟକ୍ତି ଚେତନାର ଉତ୍ତେଜିତ ଅନୁଭବକୁ ବ୍ୟକ୍ତ କରେ। ଶରତର ସଂଜବେଳେ ଧଳାବାଦଲ ଭର୍ତ୍ତିଆକାଶ ସହିତ ମାଟିର ଛାତିରେ ମାଇଲି ମାଇଲି ବ୍ୟାପି କାଶତଣ୍ଡୀ ଦେଖିଲେ ପ୍ରାଣ ପୁଲକିତ ହୋଇଯାଏ। ମାଟି ଓ ମହାକାଶ ମଧ୍ୟରେ ଏକ ନିବିଡ଼ ଭାବସଂପର୍କ ଯୋଡ଼ି ହୋଇଯାଏ।

"ଶରତ ସାୟଂ ଆକାଶ
ଶୋଭାର ଭଣ୍ଡାର
କାଶତଣ୍ଡୀ ଫୁଲପରି
ଦିଶେ ମନୋହର।"

"କାଶତଣ୍ଡୀ" ଫୁଲ ମଣିଷ ପ୍ରାଣରେ ଶାଶ୍ୱତ ବାର୍ତ୍ତା ସଂଚରକରେ। ଜୀବନର କ୍ଷୁଦ୍ରତାବୋଧକୁ ମହତ୍ତର ଉପଲବ୍ଧିରେ ପରିଣତ କରେ। କବି "କାଶତଣ୍ଡୀ"ର ମାୟାରେ ଏତେ ବିଭୋର ଯେ ନିଜ କବିତାରେ ଏହାର ପ୍ରାକୃତିକ-ସାଂସ୍କୃତିକ ଗୁଣବତ୍ତା ବିଶ୍ଳେଷଣ କରିଛନ୍ତି। ମା'ଙ୍କର ବନ୍ଦାପନା ମାଟିରେ ଝଲିଥିବାବେଳେ କାଶତଣ୍ଡୀ ତାର ଧବଳ

ଐଶ୍ୱର୍ଯ୍ୟ ପୃଥିବୀମାତାର ଛାତିରେ ଲଦିଦିଏ। ମା'ଙ୍କର ଆଗମନ ପାଇଁ ମାଟିକୁ ପବିତ୍ର କରେ। ସତେ ଯେମିତି ନିଜେ କାଶତଣ୍ଡୀ ମା'ଦୁର୍ଗାଙ୍କର ପୁଷ୍ପପ୍ରତିମା ରୂପେ ଏ ମାଟିରେ କରୁଣା ବିସ୍ତାର କରୁଥାଏ। ପୃଥିବୀ ଏତେ ଉତ୍ସବମୟ ଥିବାବେଳେ କବି ନିଜର ଜୀବନଯନ୍ତ୍ରଣା ପାଇଁ ଏ ପ୍ରାକୃତିକ ଐଶ୍ୱର୍ଯ୍ୟକୁ ଉପଭୋଗ କରିପାରୁନାହାନ୍ତି।

"ମିଛ ମାୟା ସଂସାରରେ
ବନ୍ଧା ମୁଁ ପଡ଼ିଛି
ଜଣାନାହିଁ ପଥ ମୋତେ
କେତେ ଲମ୍ବିଅଛି ।
ଯେଉଁପଥେ ଯିବାପାଇଁ
ଅଛି ମୋତେ ମନା
ନିରୁପାୟ କି ନିର୍ଦ୍ଦେଶ
ଭାଗ୍ୟ ବିଡ଼ମ୍ବନା।"

କବି ନାରାୟଣ ଦାସଙ୍କ କବିତାର ଭାଷାଗୁଡ଼ିକ ସଂବେଦଶୀଳ ଓ ଭାବବାହୀ। ଅଯଥା ବାକ୍ୟ ଆଡ଼ମ୍ବରରେ କବି ବିଶ୍ୱାସ କରନ୍ତିନାହିଁ। ଗୋଟିଏ ମୁଖ୍ୟଦୃଶ୍ୟ ଓ ତା'ର ପାରିପାର୍ଶ୍ୱିକ ବିଶ୍ଳେଷଣ ହିଁ ତାଙ୍କର କବିକର୍ମ। କାଶତଣ୍ଡୀ ଫୁଲର ବିଭୋରତା କାହିଁ କେତେବର୍ଷ ଧରି ନିମଗ୍ନ ରହିବା ତାଙ୍କ ନିଷ୍ଠାପର ପବିତ୍ର କବିତ୍ୱର ଅଂଶବିଶେଷ। ଦେଓମାଳି ରୁ ବରୁଣେଇ ପର୍ଯ୍ୟନ୍ତ ତାଙ୍କର ଏ କାବ୍ୟ ଅନ୍ୱେଷଣ। ପୃଥିବୀକୁ ପବିତ୍ର ଓ ସୁନ୍ଦର କରିବାପାଇଁ କାଶତଣ୍ଡୀ ନିରନ୍ତର ଫୁଟୁଥାଉ। ସେହି ଧବଳ ପୁଷ୍ପ ପରାଗରେ କବିଙ୍କ କାବ୍ୟଯାତ୍ରା ମହାକାଳର ବକ୍ଷରେ ପଲ୍ଲବିତ ହେଉଥାଉ।

**ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ**
**ବିଭାଗୀୟ ମୁଖ୍ୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ**
**ସାମନ୍ତ ଚନ୍ଦ୍ର ଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ**



# କାଶତଣ୍ଡୀ - ଛଅଷଠି

ଭୋଦୁଅ ମାସର
ଭୋଦୁଅ ଖରାରେ
ଚଲୁଥାଏ ରହିରହି
ପଥଶ୍ରମ ତାର
ଲାଘବ ପାଇଁ କି
ପଚରନ୍ତି ନାହିଁ କେହି - ୧

ଡ଼ାହାଣିଆ ଖରା
ବେଳରେ ଆସିଛି
ମନରେ ଆସୁଛି ଦକା
ଆଶଙ୍କା ମନରେ
କାଟୁଛି ସମୟ
ବସି ଭାବୁଅଛି ଏକା - ୨

ଚଇଁ ଚଇଁ ଖରା
ମାଡି ଆସୁଅଛି
ପଥ ଯାଉନାହିଁ ସରି
ତରୁ ଛାୟାତଳେ
ବସି ଭାବୁଅଛି
ଆସିଯିବ ବିଭାବରୀ - ୩



ଛାଇ ଲେଉଟିବା
ବେଳତ ହେଲାଣି
ଚାଲୁଥାଏ ଧାଇଁ ଧାଇଁ
ଅପେକ୍ଷା ନକରି
ଚାଲୁଥାଏ ବାଟ
ଭୀତି ଆଉ ମନେ ନାହିଁ – ୪

ସୁଲୁସୁଲିଆର
ବାଆରେ ନାଚୁଛି
କାଶତଣ୍ଡୀ ଉଲ୍ଲାସରେ
ତାର ନାଚଦେଖି
ନାଚନ୍ତି କିଶୋରୀ
ହୋଇ ଭାବ ବିହ୍ୱଳରେ – ୫

ଉଲ୍ଲସିତ ମନେ
ପଥଚାରୀ ଚାଲେ
ନର୍ତ୍ତକୀର ନାଚ ଦେଖି
ପଥର ଦୂରତା
ଯାଉଥାଏ ସରି
ଭେଟହୁଏ ପ୍ରାଣ ସଖୀ – ୬



କୁହାକୁହି ହୋଇ
ଚାଲୁଥାନ୍ତି ବାଟ
ପଥ ତାର ସରିଲାଣି
ଭେଟ ହୋଇ ଯାଇ
ବନ୍ଧୁଙ୍କ ଦୁଆରେ
ପଦ ତାଙ୍କ ପଖାଳେଣି – ୭

କାଶତଣ୍ଡୀ ଏବେ
ଦୂରେଇ ଗଲାଣି
ରହିଅଛି କାହିଁ ଦୂରେ
ଅଫେରା ବାଟକୁ ଚାହିଁଅଛି ବସି
ଦେଖାହେବ ନିରୋଳାରେ – ୮

❖❖❖



# କାଶତଣ୍ଡୀ - ସତଷଠି

କବିଅଟେ ହିମାଚଳ
ଟଳେଇ ନପାର
ଲେଖନୀ ତା ସେହିପରି
ତୀକ୍ଷଣ ଖଡ୍ଗ ଧାର- ୧

କଲମ ଯାହାର ଟାଣ
ବଜ୍ର ଠାରୁ ବଳି
ଲେଖନୀ ଚଳନା ବଳେ
ମେରୁ ଦିଏ ଟାଳି - ୨

କିଶକ୍ତି ନିହିତ ଅଛି
ତା'ଲେଖନୀ ମୁନେ
ଚିନ୍ତାକରି ଦେଖ ଥରେ
ଭାବ ମନେ ମନେ - ୩

ବାଗଦେବୀ ଆଶିଷରେ
ନାମ ସୁବିଦିତ
ଜ୍ଞାନ ଆହରଣ ବଳେ
ବିଶ୍ୱରେ ବନ୍ଦିତ - ୪

ତାହାଠାରୁ ଭାଗ୍ୟବାନ
ଅଛି କେ ମରତେ
ସେହି ଏକା ସୁବ୍ୟକ୍ତିତ୍ୱ
ଆଦୃତ ଜଗତେ – ୫

କାଶତଣ୍ଡୀ ପରି ସ୍ୱଚ୍ଛ
ଭାବର ପ୍ରତୀକ
ଭାବନାରେ ବାନ୍ଧିରଖେ
କବିକୁଳ ଟେକ – ୬

ଦିନଯାଏ ସ୍ମୃତି ରହେ
ରହେ ଚିରକାଳ
ଅପାସୋରା ଲେଖା ତାର
ଥାଏ କାଳ କାଳ – ୭

ଯିଏ ଯେତେ ରମ୍ୟ କାବ୍ୟ
ରଚି ଯାଇଛନ୍ତି
ଆଜିର ଏ କବିକୁଳ
ତାଙ୍କୁ ଝୁରୁଛନ୍ତି – ୮

ଏ ମହୀ ମଣ୍ଡଳେ ସେହି
ରହିଛି ଅମର
ଯୁଗ ଯୁଗ ନାମ ତାର
ଶାସ୍ୱତ ଭାସ୍ୱର – ୯

କବିପରି କାଶତଣ୍ଡୀ
ରହିବ ଧରାରେ
ଚନ୍ଦ୍ର ସୂର୍ଯ୍ୟ ଥିବା ଯାଏ
ଜଗତ ଭିତରେ – ୧୦

❖❖❖



# କାଶତଣ୍ଡୀ - ଅଠଷଠି

ଅଖ୍ୟାତ ପଲ୍ଲୀର ସବୁଜ ବନାନୀ
ବିଲୁପ୍ତ ଦିନକୁ ଦିନ
ଚିନ୍ତୁ ନାହିଁ କିଛି ସ୍ଥିତା ଅବସ୍ଥାକୁ
ମନେ କାର ନାହିଁ ଧ୍ୟାନ - ୧

ସମୟ ଆସିବ ଏ ଧରା ପୃଷ୍ଠରୁ
ସବୁଜିମା ହେବ ଲୋପ
ଆଜିଠାରୁ ଯଦି ନହେଜିବ ମନେ
କରିବ ସଦା ବିଳାପ - ୨

ସାଗର ସରିତ ନକର ଦୂଷିତ
ସବୁ ପ୍ରକୃତିର ଦାନ
ଜୀବ ଓ ଜୀବନ ହୋଇବ ନିଧନ
ନ ଭାବିବ ଯଦି ମନ - ୩

କାଶତଣ୍ଡୀ ଯଦି ହୋଇବ ବିନାଶ
ହଜିଯିବ ସବୁଜିମା
ଧରଣୀ ରାଣୀର ବସ୍ତ୍ର ଖସିଯିବ
ଲିଭିଯିବ ତା'ସୁଷମା - ୪

କର୍ତ୍ତବ୍ୟରେ ହେଳା କେତେ ଯେ ଜଘନ୍ୟ
ସ୍ମର ମନେ ମନେ ବସି
ହେଳାକଲେ ତୁମ୍ଭ ଭେଳା ବୁଡ଼ିଯିବ
ଭୁଲିଯିବେ ବିଶ୍ୱବାସୀ – ୫

ଆଜିଠାରୁ ଦେଖ ଅତୀତକୁ ଖୋଜ
ହୋଇଯିବ ସମାଧାନ
ହେଳାରେ ହେଳାରେ ନବଢୁ ସମସ୍ୟା
ବେଳୁ ହୁଅ ସାବଧାନ – ୬





# କାଶତଣ୍ଡୀ - ଅଣସ୍ତରୀ

ଧନୁଆଁ ନଦୀର ତୀରେ
ବୋଇତଡଙ୍ଗାଟି
ଅତୀତର କିମ୍ବଦନ୍ତୀ
ସୂଚଇ ଦିଏଟି - ୧

ବାଲ୍ୟ କୈଶୋର ସମୟ
କେତେ ଯେ ବିତିଛି
ଅତୀତର ବିଭବକୁ
ସାଉଁଟି ରଖିଛି - ୨

ନିର୍ଝରିଣି ସରବିଲ
ମନେ ମୋ ପଡୁଛି
କେତେ ମୋର ଜହ୍ନରାତି
ପଠାରେ ବିତିଛି - ୩

ନଦୀପଠା କାଶତଣ୍ଡୀ
ଫୁଲର ଝଲକ
ପଥଚରି ମନେ ଭରେ
ଅସୀମ ପୁଲକ - ୪



ସୌନ୍ଦର୍ଯ୍ୟ ପିପାସୁ ସଦା
ଥାନ୍ତି ଅନ୍ୱେଷଣେ
ଦେଖାହେବ କିବା ନାହିଁ
ଅନୁଭବି ଜାଣେ - ୫

ବାରମାସେ ତେର ଜାତ
ପଲ୍ଲୀର ପରବ
ଶରତର ନିର୍ମଳତା
ଭୁଲିକେ ପାରିବ - ୬

ନିର୍ମଳ ଆକାଶ ଶଶୀ
କାଚକେନ୍ଦୁ ପାଣି
ସରହ୍ରଦ ନଦୀ ଜଳ
ପାରିବ କେ ଖୁଣି ? - ୭

ସ୍ୱଚ୍ଛ ସୁନିର୍ମଳ ଶୁଭ୍ର
କାଶତଣ୍ଡୀ ତନୁ
ଲେଖକ କବିର ଭାବ
ନଯାଏ ତ ମନୁ - ୮



ପ୍ରକୃତିର ଅବଦାନ
ସୃଷ୍ଟି ଆରମ୍ଭରୁ
ମାନବ ଜୀବନ ଶ୍ରେଷ୍ଠ
ବିବେକ ଗୁଣରୁ - ୯

ସୃଜନି ଶକ୍ତି ଅର୍ପଣ
ବିଭୁ ଅବଦାନ
ବିଶ୍ୱ ନିୟନ୍ତା ପ୍ରଭୁର
ଆଶୀର୍ବାଦ ଘେନ - ୧୦

ଏ ବିଶ୍ୱ ବ୍ରହ୍ମାଣ୍ଡେ ନର
ସୃଷ୍ଟିର ପ୍ରତୀକ
ମର୍ତ୍ତରେ ସେ ଶ୍ରେଷ୍ଠପ୍ରାଣୀ
ତା'ଠୁଁ କେ ଅଧିକ? - ୧୧

ଯଶ କୀର୍ତ୍ତି ସ୍ୱାଭିମାନ
ରଖେ ଏ ସଂସାରେ
ତାହାଠାରୁ ନାହିଁ କେହି
ବିଶ୍ୱ ଦରବାରେ - ୧୨

❖❖❖



# କାଶତଣ୍ଡୀ - ସତୁରୀ

ଆସିଅଛି ଆଜି ଶରତ
ଫୁଲ ମୁକୁଟ ପିନ୍ଧି
ଆହାକି ସୁନ୍ଦର ଦିଶଇ
ଯତ୍ନେ ମଥାରେ ବାନ୍ଧି - ୧

ଯହିଁ ଦିଶୁଥାଇ କାୟାକୁ
ନୂଆ ନୂଆ ତା'ରୂପ
କିଏ ବା ନଭାବେ ମନରେ
ସେ ତ ଅଲିଭା ଛାପ - ୨

ଶାରଦୀୟ ଶୋଭା ମନରେ
ଭରିଦିଏ ପୁଲକ
ଦୂର ପରବାସୀ ଗାଆଁକୁ
ଆସିଥାନ୍ତି ଘଡ଼ିକ - ୩

ପୂଜା ପାରବଣ ଛୁଟିରେ
ବିତେ ସାରା ଦିନଟି
ଅଭୁଲା ଏ ସ୍ମୃତି ମନରୁ
କେବେ ଲିଭେ ନାହିଁଟି - ୪



ବାରମାସ ତେର ପରବେ
ମୁଖରିତ ପଲ୍ଲୀଟି
ଗୋଧୂଳୀ ସଂନ୍ଧ୍ୟାରେ କିଶୋରୀ
ଋହେଁ ପଛେ ଲେଉଟି – ୫

ମନେ ହେଜୁଥାଏ ବିଗତ
ତାର ଶୈଶବ କଥା
ଖୋଲିକରି କହି ପାରେନା
ମନ ଭିତର ଚିନ୍ତା – ୬

ଋହାଣିରେ ଥାଏ କାହାଣୀ
ତାର ମନର କଥା
ବ୍ୟକ୍ତ କରିପାରେ ନାହିଁଟି
ମନେ ହେଲେ ବି ବ୍ୟଥା – ୭

ସଂସାର ମଧ୍ୟରେ ରହି ସେ
ଦେଖୁଅଛି ସପନେ
ଯାହା ଭାବୁଥାଏ ମନରେ
ସବୁ ରଖେ ଗୋପନେ – ୮



ଗୋପନ ତଥ୍ୟକୁ ଚାହୁଁଛି
କରିବାକୁ ସେ ବ୍ୟକ୍ତ
ତଥାପି ହୃଦୟେ ତାହାର
ରହୁଅଛି ଦ୍ୱିମତ – ୯

କାଶତଣ୍ଡୀ ପରି ତନୁଟି
ହୃଦୟଟି ନିର୍ମଳ
ଅପୂର୍ବ ସୌନ୍ଦର୍ଯ୍ୟ ରୂପରେ
ଶୋଭେ ମହୀମଣ୍ଡଳ – ୧୦

ଧରିତ୍ରୀ କୋଳରେ ବିହାର
କରେ ସାରା ଦିନଟି
ଅଭୁଲା ଏ ସ୍ମୃତି ମନରୁ
ଲିଭିଯାଏ ନାହିଁଟି – ୧୧

କାଶତଣ୍ଡୀ ସଙ୍ଗେ ଭାବର
ହେଲା ଅନ୍ତରେ ଜାତ
ଯାର ଶିରୀଶୋଭା ହୃଦୟେ
ହୋଇଗଲା ଲିଖିତ – ୧୨



ସୌନ୍ଦର୍ଯ୍ୟର ରୂପ ଘାରିଲା
ହୋଇଗଲା ମୋହିତ
ମନରେ ମନ୍ଦିରେ ତା'ରୂପ
ହୋଇଗଲା ସ୍ଥାପିତ - ୧୩

ମିଶିଗଲା ତା'ଜିବାତ୍ମା
କାଶତଣ୍ଡୀ ଆତ୍ମାରେ
ଯାହାଲେଖାଥିଲା ଲଲାଟେ
ନିଜ ଭାଗ୍ୟ ରେଖାରେ - ୧୪

ସ୍ତମ୍ଭୀଭୂତ ଆଜି ଦୁନିଆ
ସର୍ବେ ହେଲେ ବିସ୍ମିତ
କଥା ରହିଗଲା କାଳକୁ
ହୃଦ ହେଲା ବ୍ୟଥିତ - ୧୫

ଜନମ ମରଣ ସଂସାରେ
କିଛି ନୁହଁଇ ସ୍ଥିର
ବର୍ଷମାସ ଦିନ ଭୋଗଇ
ଏହି ସ୍ଥୂଳ ଶରୀର - ୧୬

❖❖❖



# କାଶତଣ୍ଡୀ - ଏକସ୍ତରୀ

କାଶତଣ୍ଡୀ କାଶତୃଣ
କରି ଉଚ୍ଚାରଣ
କବିତାକୁ ଭଲପାଇ
କରେ ଆମନ୍ତ୍ରଣ - ୧

ପଥେ ଯିବାବେଳେ ଦେଖି
ତା ଦିବ୍ୟ ମୂରତି
ଆଶୁକବି ଗୀତ ଗାଏ
ରୂପ ଦେଖି ନୀତି - ୨

ଶୁଣ କି ନଶୁଣ ତାର
ମନେ ନାହିଁ ଦକା
ନିର୍ଜନ ପଥରେ ଗାଇ
ଚାଲୁଥାଏ ଏକା - ୩

ସୁନେଲି ଖରାରେ ତାର
ଔତ୍ସୁକ୍ୟ ଚାହାଣି
ସଭିଙ୍କ ମନକୁ ରୂପ
ନେଉଥାଏ ଟାଣି - ୪



ସ୍ୱଳପ ନାଚରେ ଝରୁ
ମଥାରେ ଓଢ଼ଣି
ଦିବ୍ୟ ରୂପକାନ୍ତି ସଦା
ମନ ନିଏ କିଣି - ୫

ପାହାନ୍ତି ଜହ୍ନରେ ଶୁଭ୍ର
କୋମଳ ଅଧର
ସୁନେଲି ଖରାରେ ଦିଶେ
ଅପୂର୍ବ ସୁନ୍ଦର - ୬

ଶିଶିର ବିନ୍ଦୁରେ ତାର
ଅନୁପମ ଶୋଭା
ବାଟୋଇର ଦୃଷ୍ଟି ପଥେ
ହୁଏ ମନଲୋଭା - ୭

ଭାବୁକର ମନ ମଧ୍ୟେ
ଅଶେଷ ଭାବନା
ଭାବନା ରାଜ୍ୟରେ ଘୂରେ
ହୋଇ ବାଟବଣା - ୮

❖❖❖



କବିର ଚିନ୍ତନ ଭାବ
ଜଗତେ ବିରଳ
ସେହି ଏକା ଜଗତର
ଭାଷା କେନ୍ଦ୍ରସ୍ଥଳ - ୯

କେଉଁମନ ମନ୍ଦିରରେ
ବାନ୍ଧେ ମନେ ଆଶା
ସଭିଙ୍କ ହୃଦୟେ ସିଏ
କରିଥାଏ ବସା - ୧୦

କଥିତ ଭାଷାରେ ସେତ
ଯାଇଅଛି ମଜି
ସେ ଭାଷାକୁ ଖୋଜିଖୋଜି
ପାଉନାହିଁ ଆଜି - ୧୧

ଅହରହ ପୋଥିପାଇଁ
ସଦା ଲାକାୟିତ
ଆଶାପୂର୍ଣ୍ଣ ପ୍ରଚେଷ୍ଟାରେ
ସଦାଥାଏ ରତ - ୧୨



ମିଳିବକି ନମିଳିବ
ପ୍ରଚେଷ୍ଟାର ଫଳ
ଆଶାପୂର୍ଣ୍ଣ ଭାବନାଟା
ହୁଅଇ ଉଜ୍ଜ୍ୱଳ - ୧୩

ଈପ୍ସିତ ଆଶାଟି ଯଦି
ନହୁଏ ପୂରଣ
ମନେ ବନ୍ଧା ଉଚ୍ଚଆଶା
କିବା ଅକାରଣ ? - ୧୪

❖❖❖



# କାଶତଣ୍ଡୀ - ବାସ୍ତରୀ

ଯାଇନାହିଁ ମୁହିଁ ତୁମରି ଗାଆଁକୁ
ବରଷକେ ଥରେ ହେଲେ
ଗାଆଁ ସେ ମୁଣ୍ଡରେ ଶମଶାନ ଦେଖି
ମନେପଡେ ଯିଏ ଥିଲେ - ୧

କରିଥାନ୍ତେ ମୋତେ କେତେ ଯେ ଆଦର
ମନଖୋଲା ହୃଦୟରେ
ବିଗତ ଦିନର ସ୍ମୃତି ମନେପଡେ
ଅନ୍ତରଟା ମୋର ଝୁରେ - ୨

ସଞ୍ଜ ନଇଁଗଲେ ନିତି ଦୀପଜଳେ
ସାମାଧି ପୀଠରେ ଦେଖି
ତୁମ ହାତଧରା ଫୁଲ ଗଛଗୁଡ଼ିକି
ଚାହିଁଥାଏ ମୁଁ ନିରେଖି - ୩

ହେଲାନାହିଁ ଦେଖା ଏ ଜୀବନେ ଆଉ
ଗଲ ମୋତେ ଏକାକରି
କିତୃଟି ରହିଲା ଚିନ୍ତେ ମନେ ବସି
ଅତୀତକୁ ନ ପାସୋରି - ୪



ସପନରେ ଦିନେ କହିଥିଲ ମୋତେ
ନରହିବା ଏକାହୋଇ
ଅମା ଅନ୍ଧକାରେ ଲୁଚିଗଲ କାହିଁ
ଖୋଜି ଖୋଜି ପାଉନାହିଁ - ୫

କାଶତଣ୍ଡୀ ଆଜି ମୋତେ ଖୋଜୁଅଛି
ମୁଁ ଖୋଜୁଛି ସବୁଦିନ
କେହିତ କାହାକୁ ନଦିଅନ୍ତି ଦେଖା
ପୋଡ଼ି ଯାଉଥାଏ ମନ - ୬

❖❖❖



# କାଶତଣ୍ଡୀ - ତେସ୍ତରୀ

ମିଛମାୟା ସଂସାରରେ
ବନ୍ଧା ମୁଁ ପଡ଼ିଛି
ଜଣାନାହିଁ ପଥ ମୋତେ
କେତେ ଲମ୍ବିଅଛି - ୧

ଯେଉଁ ପଥେ ଯିବାପାଇଁ
ଅଛି ମୋତେ ମନା
ନିରୁପାୟ କି ନିର୍ଦ୍ଦେଶ
ଭାଗ୍ୟ ବିଡ଼ମ୍ବନା - ୨

ପଥର ବେନି ପାର୍ଶ୍ୱରେ
କାଶତୃଣ ବନ
ନିଝୁମ ରାତ୍ରରେ ଯାହା
ଲାଗଇ ସପନ - ୩

ସପନର ପ୍ରତିଛବି
ଯାହା ଦେଖୁଥାଇ
ମନ ମୋର ତାର ରୂପ
ଭୁଲି ନପାରଇ - ୪



ଯେତେ ଆଶା ମନେ ଥିଲା
ଫସର ଫାଟିଲା
ବାଞ୍ଛିତ ଆଶାଟି ମୋର
ପୂରଣ ନୋହିଲା – ୫

ଲଲାଟ ପଟରେ ଯାହା
ହୋଇଅଛି ଲେଖା
ଭୋଗିବାକୁ ହେବ ଦିନେ
ନିଜ ଭାଗ୍ୟରେଖା – ୬

❖❖❖

# କାଶତଣ୍ଡୀ - ଚଉସ୍ତରୀ

ନମିଳଉ ପଛେ ତାର ସ୍ନେହ ଶ୍ରଦ୍ଧା
ପ୍ରୀତିଅବା ସନମାନ
ଅବାଟକୁ ଛାଡି ବାଟରେ ଚାଲିବି
ରଖି ଆତ୍ମ ସ୍ୱାଭିମାନ - ୧

ଆଶାନାହିଁ ମୋର ପର ଦରବକୁ
ଚାହୁଁନାହିଁ ରମ୍ୟକୋଠା
ଚାଳଘର ମୋର ବୈକୁଣ୍ଠ ସମାନ
ଚିର ସାଥୀ ନଦୀ ପଠା - ୨

ଯାହାକୁ ଦେଖିଲେ ମନ ଭରିଯାଏ
ଅସୀମ ଆନନ୍ଦ ପ୍ରୀତି
ତାକୁ ଛାଡ଼ିଗଲେ ଅନ୍ୟ ଏକ ସ୍ଥାନ
ହେବ ନିଶ୍ଚେ ଅଧୋଗତି - ୩

ବାଲ୍ୟକାଳେ ଥିଲି ଆଜି ମଧ୍ୟ ଅଛି
ଲିଭୁନାହିଁ ମାନସରୁ
କେଉଁଶକ୍ତି ବଳେ ବାନ୍ଧିଛି ଜଗତ
ପ୍ରଶ୍ନ ଆସେ ମୋ ମନରୁ - ୪



କାଶତଣ୍ଡୀ ରୂପ ବସି ଭାବୁଅଛି
ଅତୀତର ଯେତେ ଚିନ୍ତା
କା'ଆଗେ କହିବି କିଏ ବା'ଶୁଣିବ
ଅବ୍ୟକ୍ତ ସେ ଅନୁଚିନ୍ତା – ୫

❖❖❖

# କାଶତଣ୍ଡୀ - ପଞ୍ଚସ୍ତରି

କବିର କଳ୍ପନା ସୃଷ୍ଟିରେ ବିରଳ
କରନାହିଁ ହତାଦର
କଲେ ହତାଦର ହୋଇବ ବିଫଳ
ଚିନ୍ତାକର ବାରବାର - ୧

ବିଶ୍ୱ ଦରବାରେ ପାଏଟି ଆଦର
ନାହିଁ ତାର ଅଭିମାନ
ଭାବନାରେ ବିତେ ବର୍ଷମାସ ଦିନ
କର ସର୍ବେ ମନ ଧ୍ୟାନ - ୨

ନୁହେଁ ସ୍ୱାର୍ଥାନ୍ୱେଷୀ ପର ଉପକାରୀ
ଲିପିନ୍ୟାସ ପ୍ରଭୁଦାନ
ଥୋଇ ଦେଇଅଛି ଲବ୍‌ଧ ସୃଷ୍ଟି ତାର
ରହେଁ ଆତ୍ମ ସ୍ୱାଭିମାନ - ୩

ମନରେ ଥାଏ ତା' ମାତୃଭାଷା ପ୍ରୀତି
ହୃଦୟଟି ସୁନିର୍ମଳ
କି ଉପମା ଦେବା ଅମ୍ଳାନ କୃତିକୁ
ଦୃଢ଼କର ମନୋବଳ - ୪



କାଶତଣ୍ଡୀ ପରି ସ୍ୱଚ୍ଛ ଓ ନିର୍ମଳ
ଭାବମଧ୍ଧ ସେହିପରି
କାଳିମାର ଦାଗ କରିନାହିଁ ସ୍ପର୍ଶ
କହିଥାଏ ଚିନ୍ତାକରି – ୫

କହିବାର ଆଉ ବେଳକାଳ ନାହିଁ
ଦିନଯାଏ ଅପସରି
କରଇ ଜୁହାର ହେ କବି ଈଶ୍ୱର
ବେଳ ଯାଉଅଛି ସରି – ୬

ଜୀବନରେ ଯଦି ହୁଏ ତୁମ ଦେଖା
ଭାଗ୍ୟବାନ ବୋଲାଇବ
କ'ଣ ଅଛି ଏଇ ଅଧମ ପାଶରେ
କିସ ଉପହାର ଦେବ ? – ୭

❖❖❖



# କାଶତଣ୍ଡୀ - ଛଅସ୍ତରି

ଉଛୁଳା ନଦୀର ଜଳ
ହୋଇଲାଟି କାଳ
ଉପାନ୍ତ ପାହାଡ ବଣେ
ଖେଳେ ସ୍ରୋତଜଳ - ୧

ଜୀବଜନ୍ତୁ ଶରୀସୃପ
ହୁଅନ୍ତି ଆତୁର
ଜଳଜୀବ ଉଲ୍ଲାସରେ
କରନ୍ତି ବିହାର - ୨

କଦାକାର କାଶତଣ୍ଡୀ
ପାଏନା ଆଦର
ନଦୀର ଆବିଳ ଜଳ
କଲା ହତାଦର - ୩

ଅଙ୍ଗକୁ ତା' ଋହିଁଦେଲେ
ଦିଶଇ ଶ୍ରୀହୀନ
ଆଖି ପିଛୁଳାକେ ହେଲା
ଶରୀର ତା'କ୍ଷୀଣ - ୪

ନିଃସହାୟ କାଶତୃଣ
ହୁଏ ସ୍ତମ୍ଭୀଭୂତ
ପ୍ରକୃତିର ଲୀଳାଦେଖି
ହୁଏ ଆଚମ୍ବିତ - ୫

ନୀରବ ଓ ସହିଷ୍ଣୁତା
ହୃଦୟ ଯାହାର
ହେଉଅଛି ତାହାପାଇଁ
ନିୟତି ନିଷ୍ଠୁର - ୬

କାଶତଣ୍ଡୀ ବଂଶ ଆଜି
ହୁଏ ମର୍ମାହତ
ପ୍ରକୃତିର ଆଦେଶକୁ
ନାହିଁକାର ହାତ - ୭

ହାତଯୋଡ଼ି ପ୍ରଣିପାତ
କରଇ ଜୁହାର
କାଶତୃଣ ବଞ୍ଚିରହୁ
ଆହେ ନିରାକାର - ୮

❖ ❖ ❖



# କାଶତଣ୍ଡୀ - ସତସ୍ତରି

ଶୋଭାର ଭଣ୍ଡାର ଅଛି ଭରପୂର
ତଳରୁ ଉପରଯାଏ
ସବୁଜ ଶୋଭିତ ବୈଚିତ୍ର ଶରୀର
ହୃଦକୁ ଛୁଆଁଉଥାଏ - ୧

ମନରେ ଆସଇ ଅସୀମ ଉଲ୍ଲାସ
ଦେଖି ନବ ରୂପ ତାର
କବିର ହୃଦୟ କରେ ଆନ୍ଦୋଳିତ
ନଜରରେ ବାରମ୍ବାର - ୨

ଦିବ୍ୟକାନ୍ତି ରୂପ ନୟନେ ଦିଶଇ
ଶୋଭାର ପସରା ପରି
ଜ୍ୟୋଛନା ରାତ୍ରରେ ଯାହା ଦିସୁଥାଏ
ନୁହଁଇଟି କେହି ସରି - ୩

ଏ ଧରା ପୃଷ୍ଠରେ ଯେତେ ରମ୍ୟବସ୍ତୁ
ତାହା ସଙ୍ଗେ ସରି କିଏ
ବର୍ଷା କାକରରେ ଭିଜି ଧରାପୃଷ୍ଠେ
କାୟାକୁ ବିସ୍ତାରି ଥାଏ - ୪



ଏପରି ପୁଷ୍ପଟି ରହିଛି କେଉଁଠି
ମନେ ମନେ ଚିନ୍ତାକର
କାଶତଣ୍ଡୀ ବିନା ଅନ୍ୟ କେହି ନୁହେଁ
ହେଜୁଅଛି ବାରବାର – ୫

କିଶୋର କିଶୋରୀ ଉଲ୍ଲସିତ ହୋଇ
ଭ୍ରମୁଥାନ୍ତି କାଶବନେ
ଅତୁଲ୍ୟ ଶୋଭାରେ ହୋଇଣ ବିମୁଗ୍ଧ
ଲେଉଟନ୍ତି ଖୁସିମନେ – ୬

ଜଗତ ମଧ୍ୟରେ ତାହାପରି କେହି
ନାହିଁ ଏ ଧରା ପୃଷ୍ଠରେ
ଶୁଭ୍ର ଓ ନିର୍ମଳ ଶୋଭାର ପ୍ରତୀକ
ଅନୁପମ ଏ ମହୀରେ – ୭

❖❖❖

# କାଶତଣ୍ଡୀ - ଅଠସ୍ତରି

ମାନବ ଜୀବନ ଜଗତେ ଦୁର୍ଲଭ
ବୁଦ୍ଧିତାର ମହୀୟାନ
ପ୍ରଭୁ ଆଶୀର୍ବାଦେ ଜ୍ଞାନ ଉତ୍କର୍ଷରେ
କରେ ଅସାଧ୍ୟ ସାଧନ - ୧

ତାହାଠାରୁ କିଏ ଏ ବିଶ୍ୱେ ଜଗତେ
ସମସରି ଅଛି କୁହ
ବିଭୁ କୃପାବଳେ ସୁକୀର୍ତ୍ତିର ଜୟ
ଶୁଭୁଅଛି ଅହରହ - ୨

ସଂସାର ଭିତରେ ଯେତେ ଲୀଳାଖେଳା
ଜୀବନରେ ଘଟିଅଛି
ଅତୀତର ବହୁ ସ୍ମୃତି ମନେପଡେ
ଯାହା ଅଙ୍ଗେ ଲିଭାଇଛି - ୩

ଯେଉଁ ତୃଟି ଯୋଗୁଁ ଉଜୁଡି ଯାଇଛି
ଧର୍ଯ୍ୟେତାକୁ ସଜାଡୁଛି
ଯାହା ରହିଅଛି ମନେ ସାଇତିଛି
ଯଥାକାଳେ ଚିନ୍ତୁଅଛି - ୪



କାଶତଣ୍ଡୀକୁ ସେ ସାଇତି ରଖିଛି
ମନ ମନ୍ଦିରରେ ତାର
ତାହାବିନୁ କେହି ନୁହଁନ୍ତି ବିଶ୍ୱସ୍ତ
ଭାବୁଥାଏ ନିରନ୍ତର - ୫

ତା'ଶୋଭାର ଦୃଶ୍ୟ ଦେଖୁଥାଇ ନିତି
ବଂଶଧାରା ନଦୀ ତୀରେ
ମହାନଦୀ ପଠା କାଠଯୋଡି ତଟ
ଭୁଲିନାହିଁ ହେଲେ ଥରେ - ୬

ସୁନ୍ଦର ରୂପଟି ସଭିଙ୍କ ଆଦର
ପ୍ରକୃତିର ଏ ବିଭବ
ଭୁଲିହୁଏ ନାହିଁ ପ୍ରକୃତି ପ୍ରେମୀର
କବି ଚିନ୍ତନର ଭାବ - ୭

❖❖❖

# କାଶତଣ୍ଡୀ - ଅଣାଶୀ

ରାତି ପରେ ଦିନ ଏତ
ଗତାନୁଗତିକ
ସୁଖ ଦୁଃଖ ଓ ସମ୍ପଦ
ଏ ସବୁ କ୍ଷଣିକ - ୧

ଖୋଜୁଅଛି ଆଜି ଯାହା
ପାଉନାହିଁ ତାହା
ଦୁର୍ଦ୍ଦିନ ସମୟେ ତାର
କିଏ ହେବ ସାହା - ୨

ସାଥୀତାର ସମ୍ମୁଖରେ
ହୁଏ ଉପସ୍ଥିତ
ସୁଖ ଦୁଃଖ ସମୟରେ
କରଇ ସାକ୍ଷାତ - ୩

ରୁଣୁଝୁଣୁ ନାଚେ ଗାଏ
ଦୋହଲାଇ ଶିର
ଶୁଭ୍ରାଙ୍ଗୀ କାଶତୃଣର
ସୁନ୍ଦର ଅଧର - ୪



ସୁନେଲି ଖରାରେ ତାର
କି ବାଙ୍କ ଚହାଣି
ବାଟୋଇର ମନ କିଣେ
ସେ ଲାବଣ୍ୟ ଠାଣି - ୫

ସରାଗରେ ଚହିଁଥାଏ
ତା ମୁଖ ଭଙ୍ଗୀକୁ
ପୂରଣ କରିବା ପାଇଁ
ମନର ବାଞ୍ଛାକୁ - ୬

ମନେ ଯାହା ଚିନ୍ତୁଥାଇ
ନପାରଇ କହି
ଆଶାଶୂନ୍ୟ ଆଶାଟି ତା
ହେଉଥାଏ ଦହି - ୭

ବାଞ୍ଛିତ ଆଶାରେ ଥାଏ
କାଶତୃଣ ବନ
ମନାସିବା ଇଚ୍ଛା
ତା'ନହେଉ ଅକାରଣ - ୮

❖❖❖



# କାଶତଣ୍ଡୀ - ଅଶୀ

କୋଟିଏ ଜୁହାର
ତୁମକୁ ମୋହର
ତୁମେ ମୋର ପ୍ରାଣବନ୍ଧୁ
ଏ ଭବ ସାଗରେ
ଅଛି କିଏ କୁହ
ମନ ଆକାଶର ଇନ୍ଦୁ - ୧

ଲୋଡ଼ାନାହିଁ ମୋର
ରାଜ ଦରବାର
ସେତ ନୃତ୍ୟର ମନ୍ଦିର
ମାୟା ମମତାରେ
ବନ୍ଧା ଏ ଜଗତ
ସେ ସୁଖ କ୍ଷଣ ଭଙ୍ଗୁର - ୨

ଆଖି ଥାଇ ଅନ୍ଧ
ବିତାଉଛି ଦିନ
ନାହିଁ ମୋ ପାଶରେ କେହି
କିପରି କଟିବ
ସୁଖର ସମୟ
କେହି ନପାରନ୍ତି ସହି - ୩

## କାଶତଣ୍ଡୀ (ତିନି)



ଲୁଟିକେ ନେଇଛି
ମୋ ସୁଖ ସଂସାର
ତେମେ ହିଁ ପାରିବ କହି
ତୁମ୍ଭ ବିନା ମୋର
ନାହିଁ ଏ ଜଗତେ
ତୁମେ ପାର ସବୁ ସହି – ୪

ହେବ ନାହିଁ କ'ଣ
ଦେଖା ତୁମ୍ଭ ସଙ୍ଗେ
କରିଛକି ଅଭିମାନ
ସବୁ ତ୍ୟାଗକରି
ଆସ ମୋର ପାଶ
ଏତିକି ମୋ ନିବେଦନ – ୫

କିସ ପାଇଁ ଆଜି
ବିନମ୍ର ନୟନେ
ବସିଥାଅ ବାଟଚାହିଁ
ଆଶାଟି ମୋହର
ହେବଟି ପୂରଣ
କାହାରି ହାତରେ ନାହିଁ – ୬



ଜରାଗ୍ରସ୍ତ ଏହି
ସଂସାର ମଧ୍ୟରେ
କେହି ନୁହେଁଟି କାହାର
ବସି ଭାବୁଅଛି
କାଶତଣ୍ଡୀ ଆଜି
ଯିଏ ଯାହା ପାଇଁ ସାର - ୭

ନିରୋଳାରେ ବସି
ଭାବୁଅଛି ମନେ
ଅତୀତର ଇତିହାସ
ରହିବକି ନାହିଁ
ତାହାର ଅସ୍ତିତ୍ୱ
ତାର ସେହି ପୂର୍ବ ବାସ - ୮

❖❖❖



# କାଶତଣ୍ଡୀ - ଏକାଶୀ

କେରି କେରି କାଶତଣ୍ଡୀ
ଫୁଲ ଉପହାର
ଆଶାଟି ଥିଲା ତା' ଦେବା
କେଉଁ ପରକାର - ୧

କେଜାଣି କାହିଁକି ଆଜି
ସ୍ମରୁଥାଏ ମନ
ଅତୀତର ଘଟଣାକୁ
ଦେଖଇ ସପନ - ୨

ସପନର ପ୍ରତିଛବି
ହୁଏନାହିଁ ଭୁଲି
ତା'ର ଯେତେ ଭାବପ୍ରୀତି
ନୁହେଁ ଆଜିକାଲି - ୩

ଯେତେ ନଦ ନଦୀ ପଠା
ଓଡ଼ିଶା ଭୂଖଣ୍ଡେ
ଦୃଷ୍ଟିପଥୁ ଫେଡ଼ିନାହିଁ
ଦିନେ ହେଲେ ଦଣ୍ଡେ - ୪



ଯେତେଦିନ ଜୀବଥିବ
ତାର ଏ ପିଣ୍ଡରେ
ଭୁଲି ନପାରିବ ତାକୁ
ଥିବା ଏ ମହୀରେ – ୫

ପଥ ଭ୍ରଷ୍ଟ ହେବନାହିଁ
ପ୍ରକୃତି ପ୍ରେମୀର
ପିଣ୍ଡେ ଥିବାଯାଏ ପ୍ରାଣ
କରିବ ନିଜର – ୬



# କାଶତଣ୍ଡୀ - ବୟାଶୀ

ସମୟ ଗଡ଼ି ଚାଲିଛି
ଅନ୍ତ ତାର ନାହିଁ
ଏ ବିଶାଳ ଭୂଖଣ୍ଡକୁ
କେ ପାରିବ ଛୁଇଁ - ୧

ସ୍ରଷ୍ଟାଙ୍କର ସୃଷ୍ଟି ଏତ
ଅନନ୍ତ ବ୍ରହ୍ମାଣ୍ଡ
ଅହରହ ଗବେଷଣା
ନ ହେଉଟି ପଣ୍ଡ - ୨

ମାନବର ଦିବ୍ୟଶକ୍ତି
ଜଗତେ ବିଦିତ
ପ୍ରଭୁ ଆଶୀର୍ବାଦ ବଳେ
ସଂସାରେ ପୂଜିତ - ୩

ଲଲାଟେ ଲିଖିତ ଯାହା
କେ କରିବ ଆନ
ଦଇବର ମର୍ମବାଣୀ
କପାଳ ଲିଖନ - ୪



ହାରଜିତ ଲାଗିଅଛି
ମର୍ତ୍ତ୍ୟ ମଣ୍ଡଳରେ
ଜିତିବା ବ୍ୟକ୍ତିଟି ପାଏ
ସମ୍ମାନ ଆଦରେ – ୫

କାଶତଣ୍ଡୀ ସୌନ୍ଦର୍ଯ୍ୟରେ
ସର୍ବେ ବିମୋହିତ
ଆଦରତା ବଢ଼ିଯାଏ
ଶୋଭା ଆଶାତୀତ – ୬

କରନ୍ତି ସର୍ବେ ଆଦର
ରୂପ ବର୍ଣ୍ଣ ଦେଖି
କିଶୋର ଓ କିଶୋରୀଙ୍କ
ମନଯାଏ ଲାଖି – ୭

❖❖❖



# କାଶତଣ୍ଡୀ - ତେୟାଶୀ

ଶରତ ସୂର୍ଯ୍ୟାସ୍ତ
ପ୍ରତୀତୀ ଗଗନେ
ସୁନେଲି କିରଣ ଆଭା
ଅନ୍ଧାର ଆସଇ
ପଥ ନଦିଶଇ
ଲୁଚିଯାଏ ତାର ଶୋଭା - ୧

ସମୀର ଆସଇ
ତୃଣ ଦୋହଲାଇ
ଛୁଇଁଯାଏ ତାର ଅଙ୍ଗ
ନିମିଷକ ମାତ୍ରେ
ନୟନ ପଥରୁ
ଲୁଚିଯାଏ ତାର ରଙ୍ଗ - ୨

ମଧୁ ମକ୍ଷିକାର
ଗୁଣୁଗୁଣୁ ଗୀତ
ଦିଗ ହୁଏ ମୁଖରିତ
ସୁମଧୁର ସ୍ୱର
ବନ ଉପବନେ
ଶୁଭୁଥାଏ ଅବିରତ - ୩

ମଧୁ ମକ୍ଷିକାଟି
ନଯାଏ ତା'ପାଶ
ମନ ହୋଇଯାଏ ଊଣା
ପ୍ରକୃତିର ଏକି
ନିଷ୍ଠୁର ବିଚାର
ଅଭାବର ବୁଝାବଣା – ୪

ମନସ୍ତାପେ ତାର
ବିତଇ ସମୟ
ବିଷାଦରେ ଯାପେ ଦିନ
କହିବ କାହାକୁ
ଅଥବା ବୋଲିବ
ବିଚଳିତ ହୁଏ ମନ – ୫

କାଶତୃଣ ସଦା
ମନେ ଚିନ୍ତୁଥାଇ
ପ୍ରକୃତିର ଏକି ମାୟା
ମାୟା ଜାଲେ ସିଏ
ଛନ୍ଦି ହୋଇଯାଏ
ନାହିଁ କିମ୍ବା ତାରେ ଦୟା ? – ୬

❖❖❖



# କାଶତଣ୍ଡୀ - ଚଉରାଶୀ

ଇନ୍ଦ୍ରଧନୁର
ସପତ ରଙ୍ଗିମା
ମନକୁ ଦିଅଇ ମୋହି
ସୁମନ ସୌରଭ
ମଧୁର ସଙ୍ଗୀତ
ଭାସି ଆସେ ରହି ରହି - ୧

ଗିରିର ଉହାଡେ
ପର୍ବତ କନ୍ଦରେ
ଗୁଣୁଗୁଣୁ ଗାଏ ଗୀତ
ସ୍ୱାଗତ ଜଣାନ୍ତି
ମଧୁ ମକ୍ଷିକାଙ୍କୁ
ମନ ହୁଏ ପୁଲ୍ଲକିତ - ୨

ପୁଷ୍ପମଧୁ ନେବା
ମକ୍ଷିକାର ଧର୍ମ
ପୁଷ୍ପଝୁରେ ତାହାପାଇଁ
ମା'ମନେ ଯେହ୍ନେ
ଶିଶୁଟିଏ ପାଇଁ
ଅବିରତ ଥାଏ ଝୁରିଁ - ୩



ସପତ ରଙ୍ଗରୁ
ନ ହେଲେ ବି ଗୋଟେ
ପରିବ୍ୟାପ୍ତ ଭୂଖଣ୍ଡରେ
ଯାହାର ନାମଟି
ସଦା ଉଚ୍ଚାରଣ
ନିତ୍ୟ ଜନ ମାନସରେ – ୪

କାଶତଣ୍ଡୀ ନାମ
ହେଉଅଛି ଚର୍ଚ୍ଚା
କେ ପାରିବ ତାକୁ ଭୁଲି
ସର୍ବତ୍ର ଯାହାର
ନାମ ଉଚ୍ଚାରଣ
କହିଦିଅ ମନଖୋଲି – ୫

❖❖❖



# କାଶତଣ୍ଡୀ – ପଞ୍ଚାଶୀ

ଶଙ୍ଖଟି ଧଳା
ତୁଳାଟି ଧଳା
ଶୁଭ୍ର ବାଦଲ ଆକାଶେ
ତରାଟ ପୁଷ୍ପ
ବୃକ୍ଷେ ଟଗର
ଅତି ମନୋରମ ଦିଶେ – ୧

ମାଳତୀ ଧୋବ
ମଲ୍ଲୀ ତା ପରି
ରଜନୀ ଗନ୍ଧାର ଗନ୍ଧ
ସୁବାସ ତାର
କେଡ଼େ ମହକ
ଭୁଲି ବି ପାରେନା ଅନ୍ଧ – ୨

ଚକ୍ଷୁ ନଥିଲେ
କି ହେବ ତାର
ସୁଗନ୍ଧରୁ ପାରେ ଜାଣି
ସବୁ ଦିନିଆ
ସାଥୀଟି ତାର
ସୁପଥେ ନିଅଇ ଟାଣି – ୩



ବଣ ମଲ୍ଲୀର
ରୂପ ସୁନ୍ଦର
ବନେ ଫୁଟି ଝରିଯାଏ
ଯାଇ ଯୁଇର ମହକେ ମିଶି
ସମୀରଣେ ଭାସୁଥାଏ – ୪

ବାଡ଼ି ବଗିଚ୍ଚ
ଯାଗାରେ ନାହିଁ
କାଶତଣ୍ଡୀ ଦେଖିବାକୁ
ଧରଣୀ ରାଣୀ
ଦେଲା ଭୂଖଣ୍ଡ
ବଂଶତାର ବିସ୍ତାରକୁ – ୫

ପଥ ସୌନ୍ଦର୍ଯ୍ୟ
ବିକାଶ ପାଇଁ
ରୋପୀଦିଅ କାଶତଣ୍ଡୀ
ସବୁଜ ଶୋଭା
ହେଉ ଏ ଧରା
ସୁଷମାରେ ଦିଅ ମଣ୍ଡି – ୬



ରାଇଜ ସାରା
ହୋଇବ ଚର୍ଚ୍ଚା
କାଶତଣ୍ଡୀ ରୂପ ଦେଖି
ଅଣ୍ଟା ସଳଖି
ଦେଖିବ ଯିଏ
ମନଯିବ ତାର ଲାଖି – ୭

ରୂପଟି ଦେଖି
ମନଟି ତାର
ହୋଇଯିବ ଉଲ୍ଲସିତ
ହୃଦୟ ଭରା
ଚେତନା ରାଶି
କରିଦେବ ପ୍ରକାଶିତ – ୮

❖❖❖



# କାଶତଣ୍ଡୀ - ଛୟାଶୀ

ପଠାରେ ପଠାରେ
କାଶତଣ୍ଡୀ ଫୁଲ
ମୋହୁଥାଏ ଜନମନ
ଭୋଦୁଅ ଅଶିଣ
ମାସରେ ତାହାର
ଶାରଦୀୟ ଆମନ୍ତ୍ରଣ - ୧

ଉଲ୍ଲାସେ ସରବେ
ସମୟ କଟାନ୍ତି
ମନରେ ନଥାଏ ଦୁଃଖ
ଆହ୍ଲାଦିତ ମନେ
ବିତିଯାଏ ଦିନ
ନୁହଁନ୍ତି କେହି ବିମୁଖ - ୨

କାଶତଣ୍ଡୀ ନାଚେ
ଦୂର ନିର୍ଝରରେ
ସାଗର ତରଙ୍ଗ ପରି
ଧେଇଁଡ଼ା ଧେଇଁଡ଼ୀ
ତାଳରେ ନାଚନ୍ତି
ନୁହେଁ କେହି ତାର ସରି - ୩



ପ୍ରକୃତିର ଏକି
ବିଳାସ ଭୂମିକା
ନଇଁଯାଏ କବିମଥା
କାଶତୃଣ ଆଜି
ଶିରକୁ ନୁଆଁଇ
ଜଣାଏ ତା'କୃତଜ୍ଞତା - ୪

ବିନମ୍ର ନୟନେ
ଚାହିଁଥାଏ ବସି
ମନ କରେ ନାହିଁ ଊଣା
ସାଥୀ ତାର ଆସି
ହୁଏ ଉପସ୍ଥିତ
ନହୋଇକି ବାଟବଣା - ୫

❖❖❖

# କାଶତଣ୍ଡୀ - ସତାଶୀ

ଧରିତ୍ରୀ ମାତାର
ବିଶାଳ ବକ୍ଷରେ
ଆଶ୍ରୟ ନିଅନ୍ତି ପ୍ରାଣୀ
ତାର ଉଦାରତା
ଧୈର୍ଯ୍ୟ ସହିଷ୍ଣୁତା
କିଏ ସେ ପାରିବ ଖୁଣି - ୧

ଜନସଂଖ୍ୟା ଯେତେ
ବଢୁଛି ଜଗତେ
ଏବେଠାରୁ ବସି ଶୁଣ
ଏ ବିଶ୍ୱେ ବ୍ରହ୍ମାଣ୍ଡେ
ଯାହା ଘଟୁଅଛି
ହେଉଛୁ କି ନିୟନ୍ତ୍ରଣ ? - ୨

ପ୍ରକୃତି ସମ୍ମୁଖେ
କେ ନୁହେଁ କାହାର
ହୋଇଯିବ ବୁଦ୍ଧିବଣା
ନଜର ନରଖି
ବାଟ ଚାଲୁଥିଲେ
ହୋଇଯିବ ବାଟବଣା - ୩



ପାହାଡ଼ ଡଙ୍ଗର
ପର୍ବତ ନିର୍ଝର
ସବୁ ପ୍ରକୃତିର ଦାନ
ନଦ ନଦୀ ନାଳ
ପାଟ ବିଲ ଖାଲ
ସବୁ ତା'ପାଶେ ସମାନ – ୪

ଶାଳ ପିଆଶାଳ
ଅଶନ କୁରୁମ
ବଟବୃକ୍ଷେ କୋଳେତାର
ଆମ୍ବ ଓ ପଣସ
ଶିଶୁ ସାଗୁଆନ
ଦୃଶ୍ୟ ହୁଏ ସବୁଠାର – ୫

ନାନା ଜାତି ଫୁଲ
ଭରି ଦେଇଅଛି
ଖୁସି ଉପୁଜିବା ପାଇଁ
ମାନସିକ ଶାନ୍ତି
ପାଇବା ପାଇଁ କି
ହେଳା କେବେ କରିନାହିଁ – ୬



କାଶତଣ୍ଡୀ ଫୁଲ
ତାର ନିଦର୍ଶନ
ଫୁଟେ ବନ ଉପବନେ
ସଞ୍ଜ ନଇଗଲା
ପରେ ବି ଦିଶଇ
ଶୁକ୍ଳପକ୍ଷ ସଦାଦିନେ – ୭

ବଡ଼ସାନ କିଛି
ନାହିଁ ତା ହୃଦୟେ
ସର୍ବେ ତାହାର ସନ୍ତାନ
ତାହାଠାରୁ ନାହିଁ
କେହି ଏ ଜଗତେ
ସେବାରେ ଲଗାଅ ମନ – ୮

କାଶତୃଣ ପରି
ସ୍ୱଚ୍ଛ ଓ ନିର୍ମଳ
ଭାବ ହେଉ ସେହିପରି
ବିଶ୍ୱ ଦରବାରେ
ଖ୍ୟାତି ରଖିଯାଅ
ଅମରତ୍ୱ ଲାଭକରି – ୯

❖❖❖

# କାଶତଣ୍ଡୀ - ଅଠାଶୀ

ଗାର୍ହସ୍ଥ୍ୟ ଜୀବନ
ଅଟଇ ଜଟିଳ
ଅସମାପ୍ତ ତା'ବର୍ଣ୍ଣନା
ଅସୀମ ସଂସାରେ
ଅଛି ଯେତେ କ୍ଷୋଭ
ତୁଣ୍ଡେ ତାକୁ ତୁ ଧରନା - ୧

ସଂସାର ମଧ୍ୟରେ
ଘର କରିଥିଲେ
ପଥର ପଡ଼ିଲେ ସହି
ଦୁଃଖଦ ଘଟଣା
ଯାହା ଦେଖୁଥାଇ
ମୁଖେ ହୁଏ ନାହିଁ କହି - ୨

ଖୁସି ମନେଇବା
ପାଇଁ ଚାଲିଥାଏ
ଅଦୂରର ପାହାଡ଼କୁ
ନିର୍ଝର ପାର୍ଶ୍ୱରେ
ଫୁଟିଥିବା ଫୁଲ
ଶୋଭାତାର ବର୍ଣ୍ଣିବାକୁ - ୩



କାଶତଣ୍ଡୀ ତାର
ବିଛାଇ ଦେଇଛି
ଶୁଭ୍ରଶୋଭା ଶରୀରକୁ
ଦର୍ଶକ ମନରେ
ଆଣଇ ପୁଲକ
ଭୁଲନ୍ତି ନି ତା ଛଟାକୁ – ୪

ଫୁଲ ତୋଡ଼ା ମଧ୍ୟେ
ଶୋଭା ପାଉଥାଏ
ମୋହେ ଅତିଥିଙ୍କ ମନ
ତାର ସୌନ୍ଦର୍ଯ୍ୟରେ
ସର୍ବେ ବିମୋହିତ
ହୋଇଥିବା ମଞ୍ଚାସୀନ – ୫

କି ସୁନ୍ଦର ଆହା
ଦିଶଇଟି ତୋଡ଼ା
ପ୍ରକୃତିର ଉପାଦାନେ
ମାଳିଟି ଗଢ଼ିଛି
ବନେଇ ଚୁନେଇଁ
ଚିନ୍ତୁଥାନ୍ତି ମନେ ମନେ – ୬



ଏ ଧରା ପୃଷ୍ଠରେ
ଯେତେ ରମ୍ୟ ବସ୍ତୁ
ପୁଷ୍ପ ସମ ସରି କିଏ ?
ରୂପ ମାଧୁର୍ଯ୍ୟର
ଜ୍ୱଳନ୍ତ ନମୁନା
ମନକୁ ମୋ ଟାଣିନିଏ – ୭

❖❖❖



# କାଶତଣ୍ଡୀ - ଅଣାନବେ

ବିଲୀନ ହୋଇବ
କାଶତୃଣ ବଂଶ
ହ୍ରାସ ପାଏ ଦିନୁ ଦିନ
ମାନବ ହସ୍ତରେ
ଅଛି ତାର ସ୍ଥିତି
କାର ନାହିଁ ମନ ଧ୍ୟାନ - ୧

ସମୟ ଆସିବ
ଏ ଧରା ପୃଷ୍ଠରୁ
ତୃଣଲତା ହେବ ଲୀନ
ବିପର୍ଯ୍ୟସ୍ତ ହେବ
ଏ ଜୀବ ଜଗତ
ବିଳାସେ ନଯିବ ଦିନ - ୨

କୃଷକ ଋହିଁଲେ
ହସିବ ଏ ଧରା
ଉଲ୍ଲାସେ ବିତିବ ଦିନ
ଗବେଷଣା ବଳେ
ହଟିବ ଦାରିଦ୍ର୍ୟ
ଦୃଢ଼କର ସଦା ମନ - ୩



ସରବେ ରୁହନ୍ତୁ
ଏ ଧରା ପୃଷ୍ଠରେ
ଭ୍ରାତା ଓ ଭଗିନୀ ପରି
ତ୍ୟାଗକର କ୍ରୋଧ
ମାନ ଅଭିମାନ
ସବୁଯିବ ଅପସରି - ୪

ପ୍ରକୃତି ଭରିଛି
ଖାଦ୍ୟ ଶସ୍ୟ ବସ୍ତ୍ର
ତା ସଙ୍ଗେ ଦେଇଛି ଜଳ
ସତ୍ କର୍ମବଳେ
ଉଠିବ ଏ ଜାତି
ଖଟାଇ ତା' ବାହୁବଳ - ୫

ଜଗତେ କରିବେ
ଜୟ ଜୟ ଗାନ
ନିତି ଶୁଣୁଥିବ କର୍ଣ୍ଣ
ବିଶ୍ୱର କଲ୍ୟାଣ
ପାଇଁକି ତୁମର
ସଦା ଚିନ୍ତୁଥାଉ ମନ - ୬



ଏତିକି ମିନତି
କବି କରେ ଆଜି
ହସି ଉଠୁ ବସୁନ୍ଧରା
ବିଶ୍ୱବାସୀ ସର୍ବେ
ରୁହନ୍ତୁ ଉଲ୍ଲାସେ
ହଟିଯାଉ ଦୁଃଖ ସାରା – ୭

କ୍ଷଣିକ ପାଇଁକି
ଏତେ ରାଗ ରୋଷ
କିମ୍ବା ଚଲ ଅବାଟରେ
କିସ ନେଇଯିବ
ଏ ଧରା ପୃଷ୍ଠରୁ
ତୁମ ଶେଷ ଜୀବନରେ – ୮

ବଣ ଜଙ୍ଗଲରେ
ବୃକ୍ଷଲତା ତୃଣ
ରହିଛନ୍ତି ଆନନ୍ଦରେ
ଛନ୍ଦ ମନ୍ଦ ନାହିଁ
କାଳ କାଟୁଛନ୍ତି
ଦେଖିଯାଅ ତାଙ୍କୁ ଥରେ – ୯



ନେବାଟି ଶପଥ
ରହିବା ଏକତ୍ର
ମାନ ଅଭିମାନ ଛାଡ଼ି
ଦୁଃଖରେ ସୁଖରେ
ହେବା ଭାଗିଦାର
ହେବାନାହିଁ ଛଡ଼ା ଛଡ଼ି - ୧୦

❖❖❖



# କାଶତଣ୍ଡୀ - ନବେ

ଉତ୍ସବ ମୁଖର
ପୁର ପଲ୍ଲୀ ଆଜି
ଆଦ୍ୟାଶକ୍ତି ଆଗମନ
ଶରତ ସାୟାହ୍ନ
କରି ଆକର୍ଷଣ
ପୁଲକିତ କରେ ପ୍ରାଣ - ୧

ତୁଳା ମେଞ୍ଚାପରି
ଭାସଇ ବାଦଲ
ନୀଳ ଆକାଶର ତଳେ
ଦେଓମାଳି ପରେ
ବସି ମୁଁ ଦେଖଇ
ପ୍ରଦୋଷର ଛବି ଭୋଳେ - ୨

ଦୂର ନିର୍ଝରରେ
କାଶତଣ୍ଡୀ ନାଚେ
ନାଚେ ତାଳେ ତାଳେ ପାଣି
ପ୍ରତି ମୁହୂର୍ତ୍ତରେ
ଝଙ୍କାରର ଧ୍ୱନି
ମନକୁ ନିଅଇ ଟାଣି - ୩



କିଶୋର କିଶୋରୀ
ଚାଲୁଥାନ୍ତି ବାଟ
ପଥ ଯାଉନାହିଁ ସରି
ବେନି ପାର୍ଶ୍ୱଭରା
କାଶତୃଣ ଠାରେ
ମଥାକୁ ନୁଆଁଇ କରି – ୪

ବେଳ ରତ ରତ
ହୋଇଲାଣି ଆସି
ମନେ ଆସୁଥାଏ ଭୀତି
ପଥର ଦୂରତା
ଅଛି କିଛି ବାକି
ନ ଆସନ୍ତି କେହି କତି – ୫

କାଶଫୁଲ ଆଜି
ନୀରବେ ନିଶ୍ଚଳେ
ଭାବୁ ଅଛି ଏକା ଏକା
କିଏ ସେ କାହିଁକି
ଡରାଇବ ତାଙ୍କୁ
ଉପୁଜିବ କିମ୍ବା ଦକା – ୬

❖❖❖



# କାଶତଣ୍ଡୀ - ଏକାନବେ

କାଶତୃଣ ବଖାଣୁଛି
ଅନ୍ତରର କଥା
ଅପାସୋରା ପୂର୍ବ ସ୍ମୃତି
ଦେଉଅଛି ବ୍ୟଥା - ୧

ଭଲମନ୍ଦ ଲାଗିଅଛି
ପାର୍ଥିବ ଜଗତେ
ଜନ୍ମ ମୃତ୍ୟୁ ହସ କାନ୍ଦ
ଦେଖୁଅଛି ଯେତେ - ୨

କାହାକୁ ତ ଛାଡ଼ିନାହିଁ
ନିୟତି ନିୟମ
କି ବର୍ଣ୍ଣିବି ନିରୁପାୟ
ଅଧମ ଅକ୍ଷମ - ୩

ପ୍ରକୃତିର ନିର୍ଦ୍ଦେଶରେ
ବନ୍ଧା ଏ ଜଗତ
ଦୁଃଖ ସୁଖ ଲାଗିଅଛି
ଏହା ଧ୍ରୁବ ସତ୍ୟ - ୪



ନିଶାସକ୍ତ ମାନଙ୍କର
ନାହିଁ ବୁଦ୍ଧି ଜ୍ଞାନ
ଭଲ ମନ୍ଦ ବିଚାରରେ
ନ ଦିଅନ୍ତି ଧ୍ୟାନ – ୫

ଅନ୍ୟାୟ ଅନୀତି ପୁର୍ଣ୍ଣ
ଭରା ଏ ଜଗତ
ଦୂର ହେବାପାଇଁ ମୋର
ସଦା ମଥାନତ – ୬

କାନ୍ଦିବାକୁ ଆଜିନାହିଁ
ଆଖିରେ ମୋ ଲୁହ
ବିପର୍ଯ୍ୟସ୍ତ ହେବଧରା
ସର୍ବତ୍ର ଅସହ୍ୟ – ୭

ହେଉଅଛି ଅବକ୍ଷୟ
ସୁପଥକୁ ଖୋଜ
ଖୋଜି ନପାଇଲେ ସର୍ବେ
ଗୋବିନ୍ଦଙ୍କୁ ଭଜ – ୮

❖❖❖



# କାଶତଣ୍ଡୀ - ବୟାନବେ

ଶରତ ସାୟଂ ଆକାଶ
ଶୋଭାର ଭଣ୍ଡାର
କାଶତଣ୍ଡୀ ଫୁଲପରି
ଦିଶେ ମନୋହର - ୧

ଧଳା ବାଦଲ ଆକାଶ
ତପନ କିରଣ
କାଶତୃଣ ବନେ ପଡ଼ି
ଦିଶେ ସୁଶୋଭନ - ୨

ଏପରି ଦୃଶ୍ୟକୁ ଯିଏ
ଥରେ ଥିବ ଦେଖି
ସବୁଦିନ ପାଇଁ ତାର
ମନଯିବ ଲାଖି - ୩

ମନରହେଁ ଦେଖିବାକୁ
ତା'ଅଧା ଓଢ଼ଣା
ଲୁଚି ଛପି କେତେ ରହେଁ
ନପଡ଼ଇ ଜଣା - ୪



ସୁକାନ୍ତି ରୂପଟି ଦେଖି
ହୁଏ ଆକର୍ଷିତ
ତନମନ ସବୁରିତ
ହୁଏ ରୋମାଞ୍ଚିତ - ୫

ବାଦଲ ଫଟା ବରଷା
ହୋଇଲାଟି କାଳ
ରୂପକାନ୍ତି ଲୁଚିଗଲା
ସ୍ଥିତି ଟଳମଳ - ୬

ଆହାତ ତନୁଟି ତାର
ହୋଇଲା ବିଲୀନ
ରୂପଟି ନୟନ ପାଇଁ
ହୋଇଲା ସପନ - ୭

❖❖❖



# କାଶତଣ୍ଡୀ - ତେୟାନବେ

ପୂର୍ଣ୍ଣିମା ରାତ୍ରିର
ଜହ୍ନ ଆଲୁଅରେ
ନାଚୁଥାଏ ଥିରି ଥିରି
ପୂବେଇ ପବନ
ମନ୍ଦ ମନ୍ଦ ବହେ
ରାତ୍ର ଯାଉଥାଏ ସରି - ୧

ଦକ୍ଷିଣାୟନର
ଦକ୍ଷିଣା ପବନ
ପୁଲକିତ କରେ ମନ
କାହା ଇଙ୍ଗିତରେ
ନାଚେ ବାରବାର
ଦୋହଲାଇ ଶିରମାନ - ୨

ନାଚର ସୁଶୈଳୀ
କରେ ଆକର୍ଷିତ
ଜନମନ ନିଏ କିଣି
ଶୋଭା ବର୍ଦ୍ଧନର
ଅସୀମ ଉପମା
ମନରେ ଦିଅଇ ଆଣି - ୩



ଝଲୁ ଝଲୁ ଆସେ
ନଜରରେ ତଣ୍ଡି
ଝୁଲୁଥାଏ ଲତାବଣେ
ସୁଲୁସୁଲିଆର
ବାଆରେ ନାଚିକି
ମଜ୍ଜିଣ ରହେ ସପନେ – ୪

ପୂଣ୍ୟ ନଦୀତଟ
ଗଙ୍ଗା ଗୋଦାବରୀ
ହିମମୟ ହିମାଳୟ
ଝଲୁଥାଏ ବାଟ
ପଥ ସରୁ ନାହିଁ
ଚିତ୍ତେ ଉପୁଜୟେ ଭୟ – ୫

ତୁଷାରଛନ୍ନରେ
ଝଲୁଥାଏ ବାଟ
ପଦ ତାର ଥକିଲାଣି
କିପରି ସରିବ
ଏ ଦୁର୍ଗମ ପଥ
ସଞ୍ଜଆସି ବୁଡ଼ିଲାଣି – ୬

ଭଲରେ ମନ୍ଦରେ
ସାଥୀ ଥାଏ ପାଶ
ମନ କରେ ନାହିଁ ଊଣା
ଅବାଟରେ ଗଲେ
ଶୁଣିବାକୁ ହୁଏ
ସାଥୀ ମୁଖୁ ଉଲୁଗୁଣା – ୭

ମନର ମଣିଷ
ପଥ ପ୍ରଦର୍ଶକ
ଭୁଲିନାହିଁ ଜୀବନରେ
ତାର ସ୍ଥିତିପାଇଁ
ସଦା ଲାଳାୟିତ
ଦିନ ବିତୁ ସୁରୁଖୁରେ – ୮

❖❖❖





# କାଶତଣ୍ଡୀ - ଚଉରାନବେ

ଜରାମରା ସଂସାରରେ
କେ ନୁହେଁ କାହାର
ଯାହାସବୁ ଦେଖୁଥାଇ
ସେ କ୍ଷଣ ଭଙ୍ଗୁର - ୧

ଆଜିର ଅମିର ଯିଏ
କାଲି ସେ ଫକିର
କିଛି ନୁହେଁ ଚିରସ୍ଥାୟୀ
ଚିନ୍ତ ବାରବାର - ୨

ଅଦିନିଆ ମେଘ ଆସେ
ସ୍ୱଳପ ସମୟ
ବର୍ଷି ଦେଇ ଚାଲିଯାଏ
ନଥାଏଟି ଭୟ - ୩

ଭୟଙ୍କର ରୂପ ନିଏ
ଧାରା ଶିରାବଣେ
ପରମାଦ ଗଣୁଥାନ୍ତି
ଦୁଃଖୀ ଜନମାନେ - ୪



ବନ୍ୟା ବାତ୍ୟା ଭୂମିକମ୍ପ
ମରୁଡ଼ି ଆପଦ
ଧରାଶାୟୀ ହୁଏ ଜନ
ଆସନ୍ନେ ବିପଦ – ୫

ଛାରଖାର ହୋଇଯାଏ
ଦୁଃଖୀ ଘରଦ୍ୱାର
ପ୍ରକୃତିର ଏକି ନ୍ୟାୟ
ଚିନ୍ତ ବାରବାର – ୬

ଦୟାମାୟା ନାହିଁ ତାର
ସରବେ ସମାନ
ଦୁଃଖୀଜନ ଦୁଃଖ ବଢ଼େ
ନୁହଇ ଖଣ୍ଡନ – ୭

ବୃକ୍ଷଲତା ଫଳଫୁଲ
ହୁଅଇ ବିନାଶ
କିଏ ହେବ ସହାୟକ
ସର୍ବେ ତାର ଦାସ – ୮



ଇକ୍ଷିକାର ସେଥି ମଧ୍ୟ
ନାହିଁ ପରିତ୍ରାଣ
ପ୍ରକୃତିର ଧ୍ୱଂସ ଲୀଳା
ସର୍ବତ୍ର ସମାନ - ୯

କାଶତଣ୍ଡୀ ବଞ୍ଚିରହୁ
ଚିନ୍ତୁଥାଇ ମନ
ଏ ବିଶ୍ୱବାସୀଙ୍କୁ ମୋର
ସଦା ନିବେଦନ - ୧୦

❖❖❖

# କାଶତଣ୍ଡୀ - ପଞ୍ଚାନବେ

ଗପସପ ହେଉଥିଲେ
ଦୁଇ ସାଥୀ ମିଶି
ପରଦେଶୀ ବନ୍ଧୁ ତାଙ୍କୁ
ଭେଟ ହେଲେ ଆସି - ୧

ନଦୀ ପଠା ବୁଲିଯାଇ
ହୁଅନ୍ତି ବିସ୍ମିତ
ପ୍ରକୃତିର ଦୃଶ୍ୟଦେଖି
ହୋଇଲେ ଚକିତ - ୨

ଫୁଟିଅଛି କାଶତଣ୍ଡୀ
ରାଇଜଟା ସାରା
ଶୋଭା ବର୍ଦ୍ଧନରେ ଆଜି
ଝଲସୁଛି ଧରା - ୩

ଲାଜୁଆ ହସକୁ ତାର
ତେରଛ ଚାହାଣି
ସଦାସାଥୀ ମନଟିକୁ
ନେଉଥାଏ କିଣି - ୪



ବନେ ଗଲେ ଦେଖା ତାର
ନିର୍ଝର ପାର୍ଶ୍ୱରେ
ଆଖିଠାରି ଡ଼ାକେ ତାକୁ
ଯିବାକୁ ସାଥିରେ - ୫

ଭାର୍ଗବୀ ଧନୁଆଁ ତୁଠେ
କୁଶଭଦ୍ରା କୂଳେ
ପ୍ରତିବିମ୍ବ ଛାୟାତାର
ନାଚୁଥାଏ ଜଳେ - ୬

ସ୍ୱଚ୍ଛ ଜଳେ ପ୍ରତିବିମ୍ବ
କି ସୁନ୍ଦର ଦିଶେ
ସ୍ନାନ ସାରି ଦେଖୁଥାନ୍ତି
ଆତ୍ମା ପରିତୋଷେ - ୭

ପ୍ରଫୁଲ୍ଲିତ ବଦନର
ଅଭୁଲା ଚହାଣି
ଭୁଲି କେ ପାରିବ କୁହ
ତା' ଲାବଣ୍ୟ ଠାଣି - ୮



କାଶତୃଣ ହେଜୁଥାଏ
ତା' ରୂପ ସୁମରି
ଅନୁପମ ରୂପ ତାର
ସୁଦୂର ପ୍ରସାରୀ – ୯

❖❖❖



# କାଶତଣ୍ଡୀ - ଛୟାନବେ

ପଲ୍ଲୀ ଘରି ପାଖେ
ଫୁଟି କାଶତଣ୍ଡୀ
ଲୋକ ଲୋଚନକୁ ଆସେ
କବି ମନହୁଏ
ଦେବାକୁ ଉପମା
ନିରୋଳାରେ ରହିଁ ବସେ - ୧

ସେଇ ଗାଁ ପାହାଡ଼
ନିର୍ଝରର ଜଳ
ଏଇ ଗାଁ ନାଳକୁ ଆସେ
ଏଇ ଗାଁ ମାଟିର
ଫସଲ କିଆରି
ସେ ଗାଁ କୁ ସୁନ୍ଦର ଦିଶେ - ୨

ସେଇ ଗାଁ ଭୂଇଁରେ
ଫୁଲଟି ଫୁଟିଲେ
ଏଇ ଗାଆଁଟିକୁ ଦିଶେ
ଏଇ ଗାଁ ମାଟିର
ଫୁଲର ମହକ
ସେଇ ଗାଆଁଟିକୁ ବାସେ - ୩



ସେଇ ଗାଆଁଟିରେ
ସୂରୁଜ ଉଇଁଲେ
ଏଇ ଗାଁରେ ପଡ଼େ ଖରା
ଏଇ ଗାଆଁଟିରେ
ଅନ୍ଧାର ହୋଇଲେ
ସେ ଗାଆଁରେ ଫୁଟେ ତାରା – ୪

ସେଇ ଗାଆଁଟିରେ
ଉଇଁଲେ ହିମାଂଶୁ
ଏଇ ଗାଆଁ ତୋରା ଦିଶେ
ଏଇ ଗାଁ ଭୂଇଁରେ
ଫୁଟିଲେ ତ ତଣ୍ଡୀ
ସେଇ ଗାଆଁ ସାରା ହସେ – ୫

❖❖❖

# କାଶତଣ୍ଡୀ - ସତାନବେ



କାହିଁ କେତେ ଦୂରେ
ବନେ ଫୁଟିଅଛି
କୋମଳ ତନୁକୁ ଧରି
କିଏ ସେ ବୁଝିବ
ଅନ୍ତର ବେଦନା
ଯାଉନାହିଁ ଅପସରି - ୧

କାଶତୃଣ ଚିନ୍ତେ
ହୃଦୟେ ତାହାର
ଦୁନିଆ ଭିତର କଥା
ବନେ ଫୁଟି ସଦା
କରଇ ଆହ୍ୱାନ
ଭାବିବାକୁ ଦିବ୍ୟଚିନ୍ତା - ୨

ମାଂସ ଆବରଣ
ହୃଦୟ ମୋ ଫୁଲ
ଭାବୁଅଛି ସଦାକାଳେ
ହେବନାହିଁ ଦେଖା
ଛପି ଅଛୁ ତୁହି
କେଉଁ ପତ୍ର ଅନ୍ତରାଳେ - ୩



ସୁଚିନ୍ତା ବଳରେ
ଦୁନିଆ ଲଭିବ
ଅସରନ୍ତି ଜ୍ଞାନଜ୍ୟୋତି
ସେହି ଜ୍ୟୋତିବଳେ
ହଟିବ ସମସ୍ୟା
ଦେଖାଇବ କରାମତି – ୪

❖❖❖



# କାଶତଣ୍ଡୀ - ଅଠାନବେ

କାହିଁ ପାଇଁ ଏତେ
ଗର୍ବ କରୁଅଛୁ
କିସ ନେଇଯିବୁ ସାଥେ
ଆଜି ଯାହା ଦେଖୁ
କାଲିକି ନଥିବ
ଫେରିବୁ ତୁ ଖାଲି ହସ୍ତେ - ୧

କେହିଯିବେ ନାହିଁ
ସାଥିରେ ତୋହର
ଯିବୁ ତୁହି ଏକା ଏକା
ଘରର ଘରଣୀ
ବସି କାନ୍ଦୁଥିବ
ମନେ ଭରୁଥିବ ଦକା - ୨

ଏ ଭବ ସାଗର
ଅଟଇ ଜଟିଳ
ଭାରାକ୍ରାନ୍ତ ହୁଏ ମନ
କେତେବେଳେ କେଉଁ
ସ୍ଥିତି ଉପୁଯିବ
ଧ୍ୟାନ ରହୁ ସଦାମନ - ୩



ବଚନ ବାର୍ତ୍ତାରେ
ବ୍ୟତିକ୍ରମ ନାହିଁ
ନ୍ୟାୟ ପଥେ ଚଳୁଥିବୁ
ଅବାଟରେ ଗଲେ
ଭୋଗିବୁ କଷଣ
ଥକାମାରି ବସିଯିବୁ –୪

କାଶତୃଣ ବନ
ନିକଟେ ରହିଛି
ଶୋଭାପାଏ ଦିନୁ ଦିନ
ଦେଖିଦେଲେ ଥରେ
ନ ଫେରିବ ଆଉ
ତୋର ଏ ଅଭୁଲା ମନ – ୫

ସୁନ୍ଦର ରୂପରେ
ହୋଇଣ ବିମୁଗ୍ଧ
ରହିଯିବୁ ତାର ପାଶ
ପ୍ରୀତି ଆନନ୍ଦରେ
ବିତିଯିବ ଦିନ
ବଢ଼ିଯିବ ତୋ ଆୟୁଷ – ୬



ଅଭୀଷ୍ଟ ଋହାଣୀ
କରେ ଆକର୍ଷିତ
ଦିଅଇ ଆନନ୍ଦ ପ୍ରୀତି
ତା'ରୂପ ଦେଖିଲେ
ଦୁଃଖ ହୁଏ ଦୂର
ଦୁଶ୍ଚିନ୍ତା ହୁଅଇ ଇତି - ୭

❖❖❖

# କାଶତଣ୍ଡୀ - ଅନେଶତ

ଅନୁପ ସୁନ୍ଦର
ବଦନ ତୋହର
ପାଖେ ଅଛି ତପୋବନ
କଅଣ ଲେଖିବି
କିପରି ବର୍ଣ୍ଣିବି
ନାହିଁ ମୋର ଭାଷାଜ୍ଞାନ - ୧

ଋଷିଙ୍କ ଆଶ୍ରମ
ଶୋଭା ପାଉଥାଏ
ରହିଅଛୁ ସନ୍ନିଧାନ
ଭୟ ଭ୍ରାନ୍ତି ନାହିଁ
ଯାପୁଛୁ ସମୟ
ସୁରୁଖୁରେ କେତେ ଦିନ - ୨

ଋଷି ଆଶୀର୍ବାଦେ
ପୂରଣ ହୋଇବ
ଯାହା ଚିନ୍ତୁଥାଉ ମନେ
ତୋପରି ସୁଖୀକେ
ଅଛି ଏ ଜଗତେ
ଭାବିଛୁକି କେବେ ଦିନେ ? - ୩



ଆଜି ମୁହିଁ ତୋତେ
ସୂଚାଇ ଦେଉଛି
ଆଗାମୀର ଭବିଷ୍ୟତ
ସୁଦିନରେ ତୋର
ବିତିଯିବ ଦିନ
ଭୁଲିଯାଆ ସେ ଅତୀତ – ୪

ଯେତେ ଦୁଃଖ କଷ୍ଟ
ଭୋଗିଛୁ ଜୀବନେ
ହୋଇଯିବ ସବୁ ଲୀନ
ସମୟ ଚକ୍ରରେ
ଯାହା ଘଟିଅଛି
ହେବ ତାର ଅବସାନ – ୫

କାଶତୃଣ ଆଜି
ନିରବ ଦର୍ଶିକା
ନାହିଁ ତାର ଅଭିମାନ
ଏ ଭବ ସାଗରେ
ଯିଏ ରହିଛନ୍ତି
କିଏ ଅବା ବଡ଼ ସାନ – ୬

❖❖❖

# କାଶତଣ୍ଡୀ - ଏକଶହ

ଦୂର ପାହାଡ଼ଟି
ନେତ୍ରକୁ ସୁନ୍ଦର
ନିକଟେ ମନୋଜ୍ଞ ଗୋରୀ
କାଶତଣ୍ଡୀ ଦିଶେ
ପାଖକୁ ସୁନ୍ଦର
ଦୂରକୁ ସେ ଶୁଭ୍ର ପରୀ - ୧

ଅଦୂରରେ ନାଚେ
ମଥା ଦୋହଲାଇ
ପାହାଡ଼ ଝରଣାତୀରେ
ଗାଆଁର କିଶୋରୀ
ହୋଇ ଠରାଠରି
ନାଚନ୍ତି ତାହା ସାଥୀରେ - ୨

ଏପରି ନୃତ୍ୟକୁ
ଦେଖିବା ପାଇଁକି
ସର୍ବେ ହୋଇଥାନ୍ତି ଠୁଳ
କାଶତୃଣ ମନେ
ଅସୀମ ଉଲ୍ଲାସ
ଉପୁଜଇ କୌତୁହଳ - ୩



ଖୁସି ମନେଇବା
ପାଇଁଟି ତାହାର
ସଦା ହୁଏ ତାର ମନ
ଏପରି ତ୍ୟାଗୀକେ
ଅଛି ଏ ଜଗତେ
ତାହାଠାରୁ ଶିଖିଜାଣ - ୪

ମନେ ରଖି ତାର
ଗୁଣ ଗାଉଥାଅ
ରହୁ ତାର ସନମାନ
ବିପଦରୁ ତାକୁ
ସାହା ହେବାପାଇଁ
ମନେ କର ସଦା ଧ୍ୟାନ - ୫

କାଶତଣ୍ଡୀ ସଦା
ବାଣ୍ଟେ ଶାନ୍ତି ପ୍ରୀତି
ଏ ବିଶ୍ୱ ମାନବ ପାଇଁ
ତୁମରି କର୍ତ୍ତବ୍ୟ
ତୁମେ ଭାବ ବସି
କୃପା କିମ୍ବା ହେଉନାହିଁ - ୬

❖❖❖

